**ଗ୍ୟାସ ସିଲିଣ୍ଡରରେ ନିଆଁ: ୫ ଘର ଜଳିଗଲା**

ଉତ୍ତର ଦିଲ୍ଲୀର ଏକ ବସ୍ତିରେ ରବିବାର ସକାଳେ ଏଲ୍‌ପିଜି ସିଲିଣ୍ଡରରେ ନିଆଁ ଲାଗି ବିସ୍ଫୋରଣ ହେବାରୁ ୧୭ ଜଣ ଆହତ ହୋଇଛନ୍ତି। ଆଜାଦପୁରର ଲାଲ୍‌ବାଗ ଅଞ୍ଚଳରେ ହୋଇଥିବା ଏହି ବିସ୍ଫୋରଣ ୫ଟି ଘର କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଆହତ ଜଣେ ବ୍ୟକ୍ତିଙ୍କୁ ଆର୍‌ଏମ୍ଏଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନଙ୍କୁ ବିଜେଆର୍‌ଏମ୍‌ରେ ଚିକିତ୍ସା କରାଯାଉଛି।

## ସଂକ୍ଷେପରେ

### ମଣିପୁର ଅମ୍ବୁସ: ଉଗ୍ରପନ୍ଥୀଙ୍କୁ ଧରିବା ପାଇଁ କୋମ୍ବିଂ ଜୋରଦାର

ନୂଆଦିଲ୍ଲୀ, ୧୪।୧୧: ମଣିପୁରରେ ଆସାମ ରାଇଫଲ୍‌ସ ଗାଡ଼ି ଉପରେ ଉଗ୍ରପନ୍ଥୀଙ୍କ ଅତର୍କିତ ଆକ୍ରମଣରେ କଲୋନେଲ ବିପ୍ଳବ ତ୍ରିପାଠୀ ଓ ଅନ୍ୟ ୪ ଯବାନ ଶହୀଦ ହେବା ସହ କଲୋନେଲଙ୍କ ସ୍ତ୍ରୀ ଓ ପିଲା ପ୍ରାଣ ହରାଇବାର ଦିନକ ପରେ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଉଗ୍ରପନ୍ଥୀଙ୍କୁ ଧରିବା ପାଇଁ ସେଖେନ୍ ଗ୍ରାମ ଚାରିପଟେ ରହିଥିବା ଜଙ୍ଗଲରେ ଆସାମ ରାଇଫଲ୍ସ ଏବଂ ରାଜ୍ୟ ପୋଲିସ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ ଜାରି ରହିଛି। ଆକ୍ରମଣ ପାଇଁ ଦୁଇଟି ଉଗ୍ରପନ୍ଥୀ ସଂଗଠନ ପିପୁଲ୍ସ ଲିବରେଶନ ଆର୍ମି ଏବଂ ମଣିପୁର ନାଗା ପିପୁଲ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଛନ୍ତି। ଏଭଳି ଆତଙ୍କବାଦୀ କାର୍ଯ୍ୟକୁ ବରଦାସ୍ତ କରାଯିବନି ବୋଲି ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂ କହିଛନ୍ତି। ଏହା ଯୋଜନାବଦ୍ଧ ଆକ୍ରମଣ ଥିଲା। ଅପରାଧୀଙ୍କୁ ଗିରଫ କରିବା ସହ ଦଣ୍ଡ ଦେବା ପାଇଁ ସେ ଗୃହ ବିଭାଗ ଓ ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି।

### ମଇଁଷି କ୍ଷୀର ନ ଦେବାରୁ ଥାନାର ଦ୍ୱାରସ୍ଥ

ଭୋପାଳ, ୧୪।୧୧: ମଧ୍ୟପ୍ରଦେଶ ଭିନ୍ଦ ଜିଲାରେ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ବାବୁଲାଲ ଜାଟଭ(୪୫) ନାମକ ଜଣେ ଚାଷୀଙ୍କ ମଇଁଷି କିଛି ଦିନ ହେଲା କ୍ଷୀର ଦେଉ ନ ଥିବାରୁ ଶନିବାର ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। କେହି ତାଙ୍କ ମଇଁଷିକୁ ଗୁଣିଗାରେଡି କରିଦେଇଥିବା ସେ ପୋଲିସକୁ ଅଭିଯୋଗ କରିଥିଲେ। ଏତଲା ଦେବାର ୪ ଘଣ୍ଟା ପରେ ସେ ଥାନାକୁ ତାଙ୍କ ମଇଁଷି ଧରି ପହଞ୍ଚି ପୁଣି ପୋଲିସକୁ ସହାୟତା ମାଗିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଡିଏସ୍‌ପି ଅରବିନ୍ଦ ଶାହା କହିଛନ୍ତି, ମଇଁଷିକୁ ଜଣେ ଭେଟେରିନାରୀ ଡାକ୍ତରଙ୍କୁ ଦେଖାଇବାକୁ ସମ୍ପୃକ୍ତ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତର ଦେଖିବା ପରେ ବାବୁଲାଲ ମଇଁଷି ଧରି ଘରକୁ ଯାଇଥିଲେ। ରବିବାର ସକାଳେ ମଇଁଷି କ୍ଷୀର ଦେଇଥିବା ବାବୁଲାଲ ଥାନାରେ ଆସି କହିଥିଲେ ବୋଲି ଡିଏସ୍‌ପି ପ୍ରକାଶ କରିଛନ୍ତି।

### ୟୁଏଲ୍‌ଏଫ୍‌ଏରେ ଯୋଗଦେବେ ନିଖୋଜ ୫ ମହିଳା

ଗୁଆହାଟୀ, ୧୪।୧୧: ଗତ ସପ୍ତାହଠାରୁ ଘରୁ ନିଖୋଜ ଥିବା ଆସାମର ତିନସୁକିଆ, ଧେମାଜି ଏବଂ ଲକ୍ଷ୍ମୀମପୁର ଜିଲାର ୫ ମହିଳା ନିଷିଦ୍ଧ ସଙ୍ଗଠନ ୟୁନାଇଟେଡ ଲିବରେଶନ ଫ୍ରଣ୍ଟ ଅଫ୍ ଆସୋମ୍-ଇଣ୍ଡିପେଣ୍ଡେଣ୍ଟ(ୟୁଏଲ୍‌ଏଫ୍‌ଏ-୧)ରେ ଯୋଗ ଦେବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ପୂର୍ବରୁ ଜାତୀୟ କିକ୍‌ବକ୍ସିଂ ବୈଠକରେ ଯୋଗ ଦେଇଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ ଏ ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ପାଇପାରିନାହିଁ। ତେବେ ଶୁକ୍ରବାର ୫ ମହିଳାଙ୍କ ଏକ ଭିଡିଓ ସୋସିଆଲ ମିଡିଆରୁ ମିଳିଛି। ସେମାନେ ଏକ ଜଙ୍ଗଲ ମଧ୍ୟରେ ଅତିକ୍ରମ କରୁଥିବା ଏଥିରେ ଦେଖାଯାଇଛି। ସେମାନେ ମ୍ୟାନ୍‌ମାର ଅଭିମୁଖେ ଯାଇ ୟୁଏଲ୍‌ଏଫ୍‌ଏ-୧ କ୍ୟାମ୍ପ୍‌ରେ ଯୋଗଦେବାର ଆଶଙ୍କା କରାଯାଇଛି। ସମ୍ପୃକ୍ତ ମହିଳାମାନେ ଉକ୍ତ ସଙ୍ଗଠନରେ ଯୋଗଦେଇଛନ୍ତି କି ନା ସେନେଇ କିଛି ସ୍ପଷ୍ଟ ସୂଚନା ନ ଥିବା ଏଡିଜିପି ହିରେନ୍ ନାଥ କହିଛନ୍ତି।

# ରୁଷିଆ ସହ ଯୁଦ୍ଧ ସ୍ଥିତିରେ ୟୁରୋପ

ଲଣ୍ଡନ/ୱାରସ/ମିନସ୍କ, ୧୪।୧୧

ପୂର୍ବ ୟୁରୋପର ଭୂସୀମା ଆବଦ୍ଧାଞ୍ଚଳ ଦେଶ ବେଲାରୁସ ଏବଂ କେନ୍ଦ୍ରୀୟ ୟୁରୋପ ଦେଶ ପୋଲାଣ୍ଡ ମଧ୍ୟରେ ଶରଣାର୍ଥୀ ସମସ୍ୟା ଯୋଗୁ ଉପୁଜିଥିବା ସୀମା ବିବାଦ ବଢ଼ିବାରେ ଲାଗିଛି। ଏଥିଯୋଗୁ ସମଗ୍ର ୟୁରୋପ ଅଶାନ୍ତ ରହିଛି। ପ୍ରାୟ ୬ଟି ଦେଶର ସେନା ସାମ୍‌ନାସାମ୍‌ନି ସ୍ଥିତିରେ ଅଛନ୍ତି। ବେଲାରୁସ୍ ସେନାକୁ ରୁଷିଆ ସମର୍ଥନ କରୁଥିବାବେଳେ ପୋଲାଣ୍ଡ ସପକ୍ଷରେ ବାହାରିଛନ୍ତି ବ୍ରିଟେନ, ଆମେରିକା ଏବଂ ଜର୍ମାନୀ ସଶସ୍ତ୍ରବଳ। ବେଲାରୁସ୍ ପ୍ରବାସୀ ସମସ୍ୟା ମଧ୍ୟରେ ରୁଷିଆର ଅଯଥା ହସ୍ତକ୍ଷେପ ଯୁଦ୍ଧକୁ ଡାକୁଛି ବୋଲି ବ୍ରିଟେନ ସେନା ମୁଖ୍ୟ ଜେନେରାଲ ନିକ୍ କାର୍ଟର ଚେତାବନୀ ଦେଇଛନ୍ତି। ଖୁବଶୀଘ୍ର ରୁଷିଆ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ଯୁଦ୍ଧ ଭୂମିକୁ ଓହ୍ଲାଇପାରନ୍ତି ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି।

ନିକ୍ କହିଛନ୍ତି, ୧୦-୧୫ ବର୍ଷ ତଳେ ଦେଶଗୁଡ଼ିକ ମଧ୍ୟରେ ଯେପରି ପ୍ରତିଦ୍ୱନ୍ଦ୍ୱିତା ଥିଲା ତାହା ଏବେ ଢେର୍ ବଢ଼ିଯାଇଛି। ଶୀତଳ ଯୁଦ୍ଧ ଶେଷ ହେବାର ପ୍ରାୟ ୩୦ ବର୍ଷ ପରେ ରୁଷିଆ ସାମରିକ ବଳ ଯୋଗେ ମହତ୍ତ୍ୱାକାଂକ୍ଷା ପୂରଣ ଆଶା ସମଗ୍ର ମହାଦ୍ୱୀପ ପାଇଁ ବିପଦ ହୋଇ ଉଭାହୋଇଛି। ଶୀତଳ ଯୁଦ୍ଧବେଳେ ସକ୍ରିୟ ଥିବା କୂଟନୈତିକ ନୀତି ମଧ୍ୟ ଆଉ କାର୍ଯ୍ୟକ୍ଷମ ନାହିଁ। ୧୯୭୮ରେ ତାଙ୍କ ମିଲିଟାରୀ କ୍ୟାରିୟର ଆରମ୍ଭବେଳେ ସୋଭିଏଟ୍ ୟୁନିୟନ ଏବଂ ପାଶ୍ଚାତ୍ୟ ଭାବରେ ବିଶ୍ୱ ଦୁଇ ଭାଗ ରହିଥିଲା। ହେଲେ ଏବେ ବିଭିନ୍ନ ଦେଶର ପୃଥକ୍ ଏଜେଣ୍ଡା ଏବଂ ବିସ୍ତାରବାଦୀ ନୀତି ବିପଦକୁ ଡାକୁଛି ବୋଲି ସେ ଚେତାଇଛନ୍ତି।

### ବ୍ରିଟେନ ସେନା ମୁଖ୍ୟଙ୍କ ଚେତାବନୀ





### ‘ତୁରନ୍ତ ପଦକ୍ଷେପ ନେଉ ନାଟୋ’


ମାଟ୍ୟୁସ୍‌ଜ ମୋରାୱିଏକି

ବେଲାରୁସ୍ ସୀମା ପଟୁ ଶରଣାର୍ଥୀ ସମସ୍ୟା ଦୂର କରିବା ପାଇଁ ନର୍ଥ ଆଣ୍ଟଲାଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ) ତୁରନ୍ତ ପଦକ୍ଷେପ ନେଉ ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ମାଟ୍ୟୁସ୍‌ଜ ମୋରାୱିଏକି କହିଛନ୍ତି। ପୋଲାଣ୍ଡ ସମେତ ଲିଥୁଆନିଆ ଏବଂ ଲାଟ୍‌ଭିଆ ମଧ୍ୟ ନାଟୋ ଚୁକ୍ତି ଅନୁସାରେ ଅନୁଚ୍ଛେଦ ୪ ଅଧୀନରେ ପରାମର୍ଶ ମାଗିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ନାଟୋ ରାଷ୍ଟ୍ରଗୁଡ଼ିକ ଦେଶର ଅଖଣ୍ଡତା, ସ୍ୱାଧୀନତା କିମ୍ବା ସୁରକ୍ଷା ପ୍ରତି ବିପଦ ଆସିଲେ ଅନୁଚ୍ଛେଦ ୪ ଅନୁସାରେ ସେମାନେ ସହଯୋଗ ମାଗିପାରିବେ। କେବଳ ଚିନ୍ତା ପ୍ରକାଶ କଲେ ହେବ ନାହିଁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାର ବେଳ ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ କହିଛନ୍ତି।

### ବେଲାରୁସ୍-ପୋଲାଣ୍ଡ ସୀମା ଅଶାନ୍ତ

ବେଲାରୁସ୍‌ରୁ ହଜାର ହଜାର ସଂଖ୍ୟାରେ ଶରଣାର୍ଥୀ ପୋଲାଣ୍ଡ ସୀମା ଦେଇ ପଶ୍ଚିମ ୟୁରୋପରେ ପ୍ରବେଶ କରିବାକୁ ଠୁଳ ହୋଇଛନ୍ତି। ପୋଲାଣ୍ଡ ସେନା ସେମାନଙ୍କୁ ସୀମା ନିକଟରେ ଅଟକାଇ ରଖିଛି। ଫଳରେ ପ୍ରବଳ ଥଣ୍ଡାରେ ବିନା ଖାଦ୍ୟ ପାନୀୟରେ ଶରଣାର୍ଥୀମାନେ ସେଠାରେ ପଡ଼ି ରହିଛନ୍ତି। ସୀମାପାର ହେବା ପାଇଁ ଅନେକେ ସୈନିକଙ୍କ ସହ ମୁହାଁମୁହିଁ ମଧ୍ୟ ହେଉଛନ୍ତି। ସେପଟେ ବେଲାରୁସ୍ ସେମାନଙ୍କୁ ପୋଲାଣ୍ଡ ସେନା ବିରୋଧରେ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏଥିରେ ବେଲାରୁସ୍‌କୁ ସମର୍ଥନ କରି ରୁଷିଆ ଏହାର ପରମାଣୁ ଅସ୍ତ୍ର ସମ୍ପନ୍ନ ଯୁଦ୍ଧ ବିମାନ ସୀମା ନିକଟକୁ ପଠାଇବା ସହ ବେଲାରୁସ୍ ସହ ଯୁଦ୍ଧାଭ୍ୟାସ ଚଳାଇଛି। ଏଥିସହ ବେଲାରୁସ୍ ରୁଷିଆକୁ ମୋବାଇଲ ପରମାଣୁ ମିଶାଇଲ ସିଷ୍ଟମ ମାଗିଛି। ୫୦୦ କିଲୋମିଟର ରେଞ୍ଜ୍‌ର ଏହି ମିଶାଇଲକୁ ପଶ୍ଚିମ ଓ ଦକ୍ଷିଣ ସୀମାରେ ମୁତୟନ କରାଯିବ ବୋଲି ବେଲାରୁସ୍ ରାଷ୍ଟ୍ରପତି ଆଲେକଜାଣ୍ଡର ଲୁକାଶେଙ୍କୋ କହିଛନ୍ତି। ତେବେ ରୁଷିଆ ପକ୍ଷରୁ ଏହି ମିଶାଇଲ ପ୍ରଦାନ ଦିଗରେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

### ବିବାଦର କାରଣ


ଆଲେକଜାଣ୍ଡର ଲୁକାଶେଙ୍କୋ

➡୨୦୨୦ ଅଗଷ୍ଟ ନିର୍ବାଚନ ପରେ ଆଲେକଜାଣ୍ଡର ଲୁକାଶେଙ୍କୋ ଷଷ୍ଠ ଥର ପାଇଁ ବେଲାରୁସ୍ ରାଷ୍ଟ୍ରପତି ହୋଇଥିଲେ। କିନ୍ତୁ ବିରୋଧୀ ଦଳ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ଏହି ଫଳାଫଳକୁ ଖାରଜ କରିଦେଇଥିଲେ। ଏହାକୁ ନେଇ ବେଲାରୁସରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏଥିରେ ୩୫ହଜାରରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରାଯିବା ସହ ପୋଲିସ ମାଡ଼ରେ ଅନେକ ଆହତ ହୋଇଥିଲେ। ପ୍ରତିବାଦରେ ଲୁକାଶେଙ୍କୋ ସରକାରଙ୍କ ଉପରେ ୟୁରୋପୀୟ ସଂଘ ଏବଂ ଆମେରିକା କଟକଣା ଲଗାଇଥିଲା।

➡ଗତ ମେ’ରେ ଏହି ବିବାଦ ବଢ଼ିଥିଲା। ଗ୍ରୀସରୁ ଲିଥୁଆନିଆକୁ ଯାଉଥିବା ଏକ ବିମାନକୁ ମିନସ୍କରେ ଅବତରଣ କରି ବେଲାରୁସ୍ ସରକାର ବିରୋଧୀ ଖବରଦାତା ରାମନ୍ ପ୍ରତାଭସିଚଙ୍କୁ ଗିରଫ କରିଥିଲା। ପରେ ବ୍ରିଟେନ ଏହାକୁ ଡକାୟତି ଆଖ୍ୟାଦେଇ ବେଲାରୁସ୍‌କୁ ବିମାନ ଚଳାଚଳ ଉପରେ କଟକଣା ଲଗାଇବା ସହ ପେଟ୍ରୋଲିୟମ ଉତ୍ପାଦ ଭଳି ଅନେକ ଜରୁରୀ ରପ୍ତାନି ବନ୍ଦ କରାଇଦେଇଥିଲା।

➡ପ୍ରତିଶୋଧପରାୟଣ ହୋଇ ବେଲାରୁସ୍ ତୁର୍କୀ, ଇରାକ, ସିରିଆ, ୟେମେନ ଭଳି ଅଶାନ୍ତ ଦେଶଗୁଡ଼ିକରୁ ଶରଣାର୍ଥୀଙ୍କୁ ବିମାନ ଯୋଗେ ପରିବହନ କରି ସୀମାରେ ଛାଡ଼ି ଦେଇଛି। ଫଳରେ ଶରଣାର୍ଥୀମାନେ ସୀମା ପାର ଲାଗି ପୋଲାଣ୍ଡ, ଲିଥୁଆନିଆ, ଲାଟ୍‌ଭିଆ ଆଦି ଦେଶକୁ ପଳାୟନ ପାଇଁ ଚେଷ୍ଟା କରୁଛନ୍ତି।

➡ବେଲାରୁସ୍ ଶରଣାର୍ଥୀଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରି ହାଇବ୍ରିଡ୍ ଯୁଦ୍ଧ ଆରମ୍ଭ କରିଥିବା ୟୁରୋପୀୟ ସଂଘ ଅଭିଯୋଗ କରିଛି। କଟକଣାର ପ୍ରତିଶୋଧ ନେବାକୁ ବେଲାରୁସ୍ ଏପରି କରୁଥିବାବେଳେ ରୁଷିଆ ସହଯୋଗ କରୁଛି। ତେବେ ଶରଣାର୍ଥୀ ସମସ୍ୟାରେ କୌଣସି ହସ୍ତକ୍ଷେପ କରୁ ନ ଥିବା ରୁଷିଆ ସଫେଇ ଦେଇଛି।


ବେଲାରୁସ-ପୋଲାଣ୍ଡ ସୀମାରେ ଶରଣାର୍ଥୀ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଁଛନ୍ତି।

# ପରିବାରର ୪ ଜଣଙ୍କୁ ଫାଶୀ ଦେଲେ ମାଓବାଦୀ

ଗୟା, ୧୪।୧୧

ବିହାରର ଗୟା ଜିଲା ଅନ୍ତର୍ଗତ ଡୁମାରିଆ ଅଞ୍ଚଳରେ ଥିବା ମାନୁଓ୍ୱାର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ମାଓବାଦୀମାନେ ବର୍ବର କାଣ୍ଡ ଘଟାଇଛନ୍ତି। ସେମାନେ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କୁ ଫାଶୀରେ ଝୁଲାଇ ଦେବା ସହ ସେମାନଙ୍କ ୨ଟି ଘରକୁ ଡିନାମାଇଟରେ ଉଡ଼ାଇ ଦେଇଛନ୍ତି। ଡୁମାରିଆ ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ପୂର୍ବରୁ ପୋଲିସର ମାଓବାଦୀ ନିରୋଧୀ ଅଭିଯାନର ଜବାବ ଦେବାକୁ ଯାଇ ବେଆଇନ ସିପିଆଇ-ମାଓବାଦୀ ସଂଗଠନ ଏଭଳି ବୀଭତ୍ସ କାଣ୍ଡ ଘଟାଇଥିବା କୁହାଯାଉଛି। ଗତ ମାର୍ଚ୍ଚ ୧୬ରେ ପୋଲିସ ଏନ୍‌କାଉଣ୍ଟରରେ ଉକ୍ତ ସ୍ଥାନରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। ଏହି ଅଭିଯାନ ଏକ ଷଡ଼ଯନ୍ତ୍ର ଥିଲା ବୋଲି ମାଓବାଦୀ ସଂଗଠନ ପକ୍ଷରୁ କୁହାଯାଇଥିଲା। ସେମାନଙ୍କ କମ୍ରେଡ୍‌ମାନଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଯାଇ ସରଜୁ ସିଂ ଭୋକ୍ତାଙ୍କ ଘରକୁ ଡିନାମାଇଟ୍‌ରେ ଉଡ଼ାଇ ଦିଆଯିବା ସହ ତାଙ୍କର ପୁଅ ସତ୍ୟେନ୍ଦ୍ର ସିଂ, ମହେନ୍ଦ୍ର ସିଂ ଓ ବୋହୂ ମନୋରମା ଦେବୀ ଓ ସୁନୀତା ସିଂଙ୍କୁ ହତ୍ୟା କରାଯାଇଛି। ୨୦ରୁ ୨୫ ଜଣ ମାଓବାଦୀ ସେମାନଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଘରକୁ ଉଡ଼ାଇ ଦେବା ପରେ ସେମାନେ ସ୍ଲୋଗାନ ଦେବା ସହ ପ୍ରଚାର ପତ୍ର ଛାଡ଼ିଯାଇଥିଲେ। କମ୍ରେଡ୍ ଅମରେଶ, ସୀତା, ଶିବ ପୂଜନ ଏବଂ ଉଦୟଙ୍କ ହତ୍ୟାର ପ୍ରତିଶୋଧ ନିଆଗଲା ବୋଲି ସେଥିରେ ଉଲ୍ଲେଖ ରହିଛି।

### ଡିନାମାଇଟରେ ଘର ଉଡ଼ାଇଦେଲେ


ମଙ୍ଗଳବାର ଉଦ୍‌ଘାଟିତ ହେବାକୁ ଥିବା ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ବାୟୁସେନାର ସୁଖୋଇ-୩୦ ଯୁଦ୍ଧବିମାନର ପରୀକ୍ଷାମୂଳକ ଅବତରଣ।

### ଶିଳ୍ପାଙ୍କ ନାଁରେ ଠକେଇ ଅଭିଯୋଗ



ମୁମ୍ବାଇ, ୧୪।୧୧

ମୁମ୍ବାଇର ଜଣେ ବ୍ୟବସାୟୀ ନିତିନ ବରାଇ ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ, ସ୍ୱାମୀ ରାଜ୍ କୁନ୍ଦ୍ରା ଏବଂ ଅନ୍ୟ କେତେଜଣଙ୍କ ନାଁରେ ଦେଢ଼ କୋଟି ଟଙ୍କା ଠକେଇ ଅଭିଯୋଗ ଆଣିଛନ୍ତି। ଏ ନେଇ ବାନ୍ଦ୍ରା ଥାନାରେ ଏକ ମାମଲା ରୁଜୁ ହୋଇଛି। ୨୦୧୪ ଜୁଲାଇରେ ଏସ୍‌ଏଫ୍‌ଏଲ ଫିଟ୍‌ନେସ୍ କମ୍ପାନୀ ନିର୍ଦ୍ଦେଶକ କାଶିଫ୍ ଖାନଙ୍କ ସମେତ ଶିଳ୍ପା ଏବଂ କୁନ୍ଦ୍ରା ତାଙ୍କୁ ଲାଭ ଆଶା ଦେଖାଇ ଉକ୍ତ ଏଣ୍ଟରପ୍ରାଇଜ୍‌ରେ ୧.୫୧ କୋଟି ଟଙ୍କା ନିବେଶ କରିବାକୁ କହିଥିଲେ। ବଦଳରେ ପୁଣେ ନିକଟ ହଡ଼ପସର ଏବଂ କୋରେଗାଓଁଠାରେ ଉକ୍ତ ଫିଟ୍‌ନେସ କମ୍ପାନୀର ଏକ ଶାଖା ସହ ଏକ ଜିମ୍ ଏବଂ ସ୍ପା ସେଣ୍ଟର ଖୋଲିବା ପାଇଁ ସହାୟତା ନିମନ୍ତେ ଆଶ୍ୱାସନା ଦେଇଥିଲେ। ହେଲେ ତାହା ହୋଇ ନ ଥିବା ଏବଂ ନିତିନ ତାଙ୍କ ଟଙ୍କା ମଧ୍ୟ ଫେରି ପାଇ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଟଙ୍କା ମାଗିବାରୁ ତାଙ୍କୁ ଧମକ ମିଳୁଥିବା ମଧ୍ୟ କହିଛନ୍ତି।

# ପ୍ରତିରକ୍ଷା ମନ୍ତ୍ରଣାଳୟ କଳା ତାଲିକାରେ ୬ କମ୍ପାନୀ

ନୂଆଦିଲ୍ଲୀ, ୧୪।୧୧

ପ୍ରତିରକ୍ଷା ମନ୍ତ୍ରଣାଳୟ ୬ଟି କମ୍ପାନୀକୁ କଳା ତାଲିକାଭୁକ୍ତ କରିଛି। ଉକ୍ତ କମ୍ପାନୀଗୁଡ଼ିକ ସହ ପ୍ରତିରକ୍ଷା ସମ୍ପର୍କିତ କୌଣସି ସରଞ୍ଜାମ କ୍ରୟ ପାଇଁ ଚୁକ୍ତିନାମା କରାଯିବ ନାହିଁ। ବାଦ୍ ପଡ଼ିଥିବା କମ୍ପାନୀଗୁଡ଼ିକ ହେଲେ ସିଙ୍ଗାପୁର ଟେକ୍‌ନୋଲୋଜିଜ୍ କାଇନେଟିକ୍ସ ଲିଃ(ଏସ୍‌ଟିକେ), ଇସ୍ରାଏଲ୍ ମିଲିଟାରୀ ଇଣ୍ଡଷ୍ଟ୍ରିଜ୍ ଲିଃ (ଆଇଏମ୍‌ଆଇ), ଟିଏସ୍ କିସନ ଆଣ୍ଡ କୋ ପ୍ରା.ଲିଃ ନୂଆଦିଲ୍ଲୀ, ଆର୍‌କେ ମେଶିନ୍ ଟୁଲ୍ସ ଲିଃ ଲୁଧିଆନା, ରେଇନମେଟାଲ ଏୟାର ଡିଫେନ୍ସ (ଆର୍‌ଏଡି) ଜୁରିଚ୍ ଏବଂ କର୍ପୋରେଶନ ଡିଫେନ୍ସ ରୁଷିଆ। ତେବେ ଉକ୍ତ ତାଲିକାରେ ଅଗୁସ୍ତା ୱେଷ୍ଟଲାଣ୍ଡ ଓ ଏହାର ମୂଳ କମ୍ପାନୀ ଲିଓନାର୍ଡୋ (ପୂର୍ବ ନାମ ଫିନମେକାନିକା)କୁ ରଖାଯାଇନାହିଁ। ୨୦୧୪ରେ ସରକାର ଲିଓନାର୍ଡୋକୁ ସମସ୍ତ ଭବିଷ୍ୟତ ସାମରିକ ଚୁକ୍ତିନାମାରୁ ବାଦ୍ ଦେଇଥିଲେ।

ଏହା ବ୍ୟତୀତ ୧୩ କମ୍ପାନୀ ସହ ବ୍ୟବସାୟକୁ ସ୍ଥଗିତ ରଖାଯାଇଛି। ସେହି କମ୍ପାନୀ ମଧ୍ୟରେ ଅଛନ୍ତି ଟ୍ୟୁନିସିଆର ଆଇଡିଏସ୍, ମରିସସ୍‌ର ଇନ୍‌ପୋଟେକ୍ ଡିଜାଇନ ସିଷ୍ଟମ୍, ମୋହାଲିର ଆଇଡିଏସ୍ ଇନ୍‌ଫୋଟେକ୍ ଲିଃ, ଚଣ୍ଡିଗଡ଼ର ଏରୋମାଟ୍ରିକ୍ସ ଇନ୍‌ଫୋ ସଲ୍ୟୁଶନ ପ୍ରା.ଲିଃ, ଶାନ୍‌କ୍ସ ଓସନିୟରିଂ ଇଣ୍ଟର ସ୍ପାଇରୋ ଇଣ୍ଡିଆ ପ୍ରା.ଲିଃ, ଇଣ୍ଟର ସ୍ପାଇରୋ ଇଣ୍ଡିଆ ପ୍ରା.ଲିଃ, ଏକ୍ସପର୍ଟସ୍ ସିଷ୍ଟମ୍ସ, ୟୁନିଟେକ୍ ଏଣ୍ଟରପ୍ରାଇଜେସ୍, କେଲଭିନ୍ ଇଞ୍ଜିନିୟରିଂ, ଆଟଲାସ୍ ଗ୍ରୁପ୍ ଅଫ୍ କମ୍ପାନିଜ୍, ଅଫସେଟ୍ ଇଣ୍ଡିଆ ସଲ୍ୟୁଶନ୍ସ ପ୍ରା.ଲିଃ ଓ ଏହାର ଗ୍ରୁପ୍ କମ୍ପାନୀ, ପିଲାଟସ୍ ଏୟାରକ୍ରାଫ୍ଟ ଲିଃ, ସୁଇଜରଲାଣ୍ଡ ଏବଂ ଭେକ୍ଟ୍ରା ଆଡ୍‌ଭାନ୍ସଡ ଇଞ୍ଜିନିୟରିଂ ପ୍ରା. ଲିଃ। ସେହିପରି ରୋଲ୍ସ ରଏସ ଓ ଏହାର ସହଯୋଗୀ କମ୍ପାନୀ ଏବଂ ଚେକ୍ ରିପବ୍ଲିକ୍‌ର ଟାଟ୍ରା ଟ୍ରକ୍ସରୁ ଉପକରଣ କିଣା ଉପରେ କଟକଣା ଲାଗୁ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ୧୩ କମ୍ପାନୀ ସହ ବ୍ୟବସାୟ ସ୍ଥଗିତ

# ଭାରତକୁ ମିଳିଲା ଏସ୍-୪୦୦

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ରୁଷିଆ ଭାରତକୁ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଯୋଗାଣ ଆରମ୍ଭ କରିଛି। ଯୋଜନା ଅନୁଯାୟୀ ଯୋଗାଣ ଆରମ୍ଭ ହୋଇଥିବା ରୁଷିଆର ସାମରିକ-ବୈଷୟିକ ସହଯୋଗ ସଂଘୀୟ ସେବାର ନିର୍ଦ୍ଦେଶକ ଡିମିଟ୍ରି ଶୁଗାଏଭ୍ କହିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ମସ୍କୋରୁ ଏସ୍-୪୦୦ ଏୟାର ଡିଫେନ୍ସ ମିସାଇଲ ସିଷ୍ଟମ୍‌ର ୫ଟି ୟୁନିଟ କିଣିବା ଲାଗି ନୂଆଦିଲ୍ଲୀ ୨୦୧୮ ଅକ୍ଟୋବରରେ ୫ ବିଲିୟନ ଡଲାର ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ୨୦୧୯ରେ ଭାରତ ରୁଷିଆକୁ ପ୍ରଥମ କିସ୍ତିରେ ୮୦୦ ନିୟୁତ ଡଲାର ପୈଠ କରିଥିଲା। ଏସ୍-୪୦୦ ହେଉଛି ରୁଷିଆର ସବୁଠୁ ଅତ୍ୟାଧୁନିକ ଦୀର୍ଘ ଲକ୍ଷ୍ୟଭେଦ କ୍ଷମତା ଥିବା ସ୍ଥଳଭାଗରୁ ଆକାଶ ମିସାଇଲ ଡିଫେନ୍ସ ସିଷ୍ଟମ। ଏହି ସିଷ୍ଟମ କିଣିଥିବା ତୁର୍କୀ ଉପରେ ଆମେରିକା କଟକଣା ଲଗାଇଥିବାରୁ ଭାରତ ଉପରେ ଅନୁରୂପ ପଦକ୍ଷେପ ନେଇପାରେ ବୋଲି ଆଶଙ୍କା କରାଯାଉଛି।



# ନ୍ୟାୟ ବ୍ୟବସ୍ଥା ସ୍ୱାଧୀନତାର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ତଳ କୋର୍ଟ ଓ ଜିଲା ଅଦାଲତଗୁଡ଼ିକର କାର୍ଯ୍ୟ ଜରିଆରେ ଲକ୍ଷ ଲକ୍ଷ ଲୋକ ଭାରତୀୟ ନ୍ୟାୟ ବ୍ୟବସ୍ଥାର ମନୋଭାବ ସମ୍ପର୍କରେ ଅବଗତ ହୋଇଥାନ୍ତି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ.ଭି. ରମନା କହିଛନ୍ତି। ତେଣୁ ସବୁ ସ୍ତରରେ ନ୍ୟାୟ ବ୍ୟବସ୍ଥାର ସ୍ୱାଧୀନତା ଓ ସାଧୁତାର ସଂରକ୍ଷଣ, ସୁରକ୍ଷା ଓ ପ୍ରସାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି। କଲ୍ୟାଣକାରୀ ରାଷ୍ଟ୍ର କଥା ଚିନ୍ତା କଲାବେଳେ ଭାରତୀୟ ନ୍ୟାୟ ବ୍ୟବସ୍ଥା ସବୁବେଳେ ଆଗରେ ରହିଥାଏ। ଦେଶର ସାମ୍ବିଧାନିକ ଅଦାଲତଗୁଡ଼ିକର ନିଷ୍ପତ୍ତି ସାମାଜିକ ଗଣତନ୍ତ୍ରକୁ ବଜାୟ ରଖିଛି। ଲିଗାଲ ଆୱାରନେସ୍ ଆଣ୍ଡ ଆଉଟ୍‌ରିଚ୍ କ୍ୟାମ୍ପେନ୍‌ର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଜଷ୍ଟିସ ରମନା କହିଥିଲେ, କଲ୍ୟାଣକାରୀ ରାଷ୍ଟ୍ରର ଅଂଶବିଶେଷ ହେବା ସତ୍ତ୍ୱେ ବିଭିନ୍ନ ଯୋଜନାର ସୁଫଳ ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ମର୍ଯ୍ୟାଦାଜନକ ଜୀବନ ବଞ୍ଚିବାର ଅଭିଳାଷ ଅନେକ ସମୟରେ ଦାରିଦ୍ର୍ୟ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ତୃଣମୂଳ ସ୍ତରକୁ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରା ନ ଗଲେ ସୁସ୍ଥ ନ୍ୟାୟ ବ୍ୟବସ୍ଥାର କଳ୍ପନା କରାଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି।

ପ୍ରଥମ ଥର ପାଇଁ ସିଧାସଳଖ ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କୁ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ସମ୍ବିଧାନ ଆମ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରିଛି ତାକୁ ମିଳିତ ଭାବେ ଅତ୍ୟନ୍ତ ସଚ୍ଚୋଟତା ଓ ପ୍ରତିବଦ୍ଧତାର ସହ ନିର୍ବାହ କରିବାକୁ ହେବ। ନ୍ୟାୟପାଳିକା ଉପରେ ଜନସାଧାରଣଙ୍କ ଆସ୍ଥା ରହିଛି ଓ ଏହାକୁ ସେମାନେ ଶେଷ ଆଶା ଭାବେ ଧରିନେଇଥାନ୍ତି। ତେଣୁ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ସାମ୍ବିଧାନିକ ଯୋଜନା ପ୍ରତି ଅତ୍ୟନ୍ତ ସଚେତନ ରହିବାକୁ ହେବ ବୋଲି ସିଜେଆଇ କହିଛନ୍ତି।


ସିଜେଆଇ ଏନ.ଭି. ରମନା

### ତ୍ରିପୁରା ହିଂସା: ୨ ମହିଳା ଖବରଦାତା ଅଟକ

ଗୁଆହାଟୀ, ୧୪।୧୧

ତ୍ରିପୁରା ହିଂସାକୁ ନେଇ ବିବାଦୀୟ ଖବର ପ୍ରକାଶ କରିଥିବା ଦିଲ୍ଲୀର ଦୁଇଜଣ ମହିଳା ଖବରଦାତାଙ୍କୁ ଅଟକ ରଖାଯାଇଛି। ସେମାନେ ଧର୍ମ ଆଧାରରେ ବିଭିନ୍ନ ସଂଗଠନ ମଧ୍ୟରେ ଶତ୍ରୁତା ବଢ଼ାଇବା ସହ ଅପରାଧ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ସମୃଦ୍ଧି ସକୁନିଆ ଏବଂ ସ୍ୱର୍ଣ୍ଣ ଝା ନାମକ ଏହି ଖବରଦାତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତ୍ରିପୁରାର ଗୋମତି ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଆସାମ କରିମଗଞ୍ଜର ନିଲମବଜାର ଥାନାରେ ଅଟକ ରଖାଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆଚାର୍ଯ୍ୟ ବିନୋବା ଭାବେଙ୍କ ୪୦ତମ ଶ୍ରାଦ୍ଧ ଉତ୍ସବ, ୟୁନିଟ୍‌-୯, ରୋଟାରୀ ଭବନ, ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କୃତ ସାହିତ୍ୟିକ ସମ୍ମିଳନୀ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସିପିଆଇଏମ୍‌ ରାଜ୍ୟ କାର୍ଯ୍ୟାଳୟ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ବିଜେଡିର ମିଶ୍ରଣ ପର୍ବ, ୟୁନିଟ୍‌-୬, ବିଜୁ ଯବ ଜନତା ଦଳ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।

## ସଂକ୍ଷେପରେ

### ୯୨ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ ଅଫିସ,୧୪।୧୧: ଅବକାରୀ ଫ୍ଲାଇଂ ସ୍କ୍ୱାଡ୍‌ ପକ୍ଷରୁ ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ନିକଟରେ ରବିବାର ଚଢ଼ାଉ କରାଯାଇ ୯୨ କେଜି ଗଞ୍ଜେଇ ଓ ଏକ କାର ଜବତ କରାଯାଇଛି। ଏହି ଘଟଣାରେ ବିହାର ଭାଗଲପୁରର ଏମ୍‌ଡି. ଇଜହାର ଆଲମ(୩୫) ଓ ଏମ୍‌ଡି ମୀନହାଜ(୩୭)ଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁରରୁ ଉକ୍ତ କାର(ନଂ. ଡବ୍ଲ୍ୟୁବି୦୨ଜେଡ-୧୯୬୨)ରେ ପଶ୍ଚିମବଙ୍ଗ ଗଞ୍ଜେଇ ଚାଲାଣ ହେଉଥିବା ସ୍କ୍ୱାଡ୍‌ ପାଖରେ ଖବର ପହଞ୍ଚିଥିଲା। ସକାଳ ୬ଟାବେଳେ ସ୍କ୍ୱାଡ୍‌ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍‌ ମଙ୍ଗୁଳି ଛକରେ ଜଗି ରହିଥିଲା।

### ନିଜର ହକ୍‌ ପାଇଁ ଆନ୍ଦୋଳନ ଜୋରଦାର ହେବ

ବାଲିପାଟଣା,୧୪।୧୧(ଡି.ଏନ୍‌.ଏ.): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ସଂଘ କର୍ମଚାରୀ ମିଳିତ ମଞ୍ଚ ଜୟଦେବ ଶାଖାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ବାଲିପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ୬୬୨ବର୍ଗ କଲେଜ ସଂଘର ସଭାପତି ଗୋଲକ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସଂଘର ପ୍ରଥମ ବାର୍ଷିକ ଉତ୍ସବରୁ ରାଜ୍ୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାଥି ହୋଇ ନିଜର ହକ ପାଇଁ ଲଢ଼େଇ ଜୋରଦାର କରି ଦାବି ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସତାଉଦ୍ଦିନ ଅହମ୍ମଦ, ତ୍ରିଲୋଚନ ସ୍ୱାଇଁ, କଲ୍ୟାଣ ପଣ୍ଡା, ପ୍ରଶାନ୍ତ ଦାସ, ଯୁଗ୍ମ ସମ୍ପାଦକ ରଞ୍ଜନ ଦାସ, ଗଗନ ବେଉରା, ଅଶୋକ ମହାପାତ୍ର ପ୍ରମୁଖ ମତବ୍ୟକ୍ତ କରିଥିଲେ। ୨୦୦୮ରୁ ୨୦୧୨ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷକ, ଅଧାପକ ଓ ଅନ୍ୟ କର୍ମଚାରୀଙ୍କୁ ସରକାରୀ କରାଯାଉ। ସମସ୍ତଙ୍କୁ ପେନସନ ବ୍ୟବସ୍ଥା, ସପ୍ତମ ବେତନ ଦିଆଯାଉ। ନଚେତ ଆଗାମୀ ଦିନନେ ଆନ୍ଦୋଳନ ହେବ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଶିକ୍ଷକମାନେ ଦାବି କରିଛନ୍ତି। ହେମନ୍ତ ଦାଶ ଓ ସୁନିଲ ପଣ୍ଡା ସଭା ପରିଚାଳନା କରିଥିଲେ।

### ମହିମା ଆଶ୍ରମରେ ବାର୍ଷିକ ମହୋତ୍ସବ

ବାରଙ୍ଗ,୧୪।୧୧(ଡି.ଏନ୍‌.ଏ.): ରାଜଧାନୀ ଉପକଣ୍ଠ ଇଞ୍ଜଣା ପଞ୍ଚାୟତର ଇଞ୍ଜଣା ଗ୍ରାମସ୍ଥିତ ଅଲେଖ ମହିମାଅଶ୍ରମରେ ବାର୍ଷିକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବଧୂତମାନେ ଯୋଗଦେଇ ଅଖଣ୍ଡ ଝାଡ ଜାଳିବା ସହ ମଙ୍ଗଳ କାମନା କରିଥିଲେ। ଅପରାହ୍ନରେ ସାଧୁମାନେ କୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ଭିକ୍ଷା ଗ୍ରହଣ କରିଥିଲେ। ସନ୍ଧ୍ୟାରେ ନାମ ପରିବେଷଣ ହୋଇଥିଲା। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ଆଖପାଖ ଗ୍ରାମର ମୁରବୀ ଓ ମହିମାଧର୍ମୀଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ପୂଜାସାମଗ୍ରୀ ପ୍ରଦାନ କରିଥିଲେ। ଇଞ୍ଜଣା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ

## ଆଜିଠୁ ଶ୍ରେଣୀଗୃହରେ ୬ଷ୍ଠ, ୭ମ ପାଠପଢ଼ା

ପୁରୀ ଅଫିସ,୧୪।୧୧:

କରୋନା କଟକଣା ମଧ୍ୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସୋମବାରଠାରୁ ବିଦ୍ୟାଳୟ ଖୋଲୁଛି। ପ୍ରାୟ ଦେଢବର୍ଷର ବ୍ୟବଧାନ ପରେ ଉକ୍ତ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯାଇ ଶ୍ରେଣୀଗୃହରେ ପାଠ ପଢିବେ। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ପିଲାଙ୍କୁ ସ୍କୁଲ ଛାଡ଼ିବା ନେଇ ଅଭିଭାବକ ଆଗ୍ରହୀ ଥିଲେ ମଧ୍ୟ ସେମାନଙ୍କର ଟିକାକରଣ ହୋଇ ନ ଥିବାରୁ ଚିନ୍ତାରେ ଅଛନ୍ତି।

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ଗୁଡ଼ିକରେ କୋଭିଡ୍‌ ଗାଇଡ୍‌ଲାଇନ ଅନୁସାରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇସାରିଛି। ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧି ବିଦ୍ୟାଳୟ ଆସିବେ। ମାସ୍କ ନ ଥିଲେ ମାସ୍କ ଯୋଗାଇ ଦିଆଯିବ। ସେହିଭଳି ସାମାଜିକ ଦୂରତା, ବିଶୋଧନ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ କେତେକ ବିଦ୍ୟାଳୟରେ ୫-ଟି ଅନ୍ତର୍ଗତ ଉନ୍ନୟନ କାର୍ଯ୍ୟ ଚାଲୁଥିବାରୁ ଛାତ୍ରୀଛାତ୍ରଙ୍କୁ ବସାଇବାରେ ସମସ୍ୟା ହୋଇପାରେ। ମାତ୍ର ଅଧିକାଂଶ ସ୍କୁଲରେ ପିଲାଙ୍କ ବସିବା ଓ ପଢିବା ପାଇଁ ସ୍ଥାନ ରହିଛି। ସେହିଭଳି ପିଲାଙ୍କୁ ପ୍ରଥମେ ଶୈକ୍ଷିକ ପରିବେଶକୁ ଆଣିବାକୁ ଚେଷ୍ଟା କରାଯିବ। ଦୀକ୍ଷା ଓ ମଧୁ ଆପ୍‌ ଭଳି ବ୍ୟବସ୍ଥାରେ ଅନଲାଇନ୍‌ ପାଠପଢ଼ା ହୋଇଥିଲେ ମଧ୍ୟ ବାସ୍ତବରେ ପିଲାଙ୍କ ଶିକ୍ଷା ଗ୍ରହଣକୁ ପରୀକ୍ଷା ମୂଳକ ଭାବେ ଦେଖାଯିବ। ଏହାପରେ ଶ୍ରେଣୀର ପ୍ରଦର୍ଶନ ଅନୁଯାୟୀ ପାଠ ପଢ଼ାଯିବ।

ଅନ୍ୟପକ୍ଷରେ ଅଭିଭାବକ ବିନୋଦ ବରାଳ କହିଛନ୍ତି, ପିଲାମାନେ ଅନଲାଇନ୍‌ ପାଠପଢ଼ାରୁ ବିଶେଷ ଲାଭବାନ ହୋଇପାରିନାହାନ୍ତି। ତେଣୁ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବୁ। ତେବେ ସେଠାରେ କୋଭିଡ୍‌ ଗାଇଡ୍‌ଲାଇନ ଠିକ୍‌ ଭାବେ ପାଳନ ହେବା ଦରକାର। ସେହିଭଳି ଛାତ୍ର ବିକାଶ ବରାଳ କହିଛନ୍ତି, ଅନଲାଇନ୍‌ ଓ ପ୍ରାଇଭେଟ୍‌ କୋଚିଂ ମାଧ୍ୟମରେ ଠିକ ଭାବେ ପାଠପଢ଼ା ହୋଇଛି। ସ୍କୁଲ୍‌ ଖୋଲିବାକୁ ନେଇ ମନରେ ଉତ୍ସାହ ରହିଛି। ଦୀର୍ଘଦିନ ହେବ ସାଙ୍ଗମାନଙ୍କ ସହ ଭେଟ ହୋଇନାହିଁ। ସ୍କୁଲ ପରିବେଶ ଓ ପାଠପଢ଼ାକୁ ବହୁତ ମନେ ପକାଉଥିଲୁ। ସ୍କୁଲ୍‌ ଖୋଲିବା ଶୁଣି ଖୁସି ଲାଗୁଛି ବୋଲି ବିକାଶ କହିଛନ୍ତି। ଏ ନେଇ ସୁଖଲତା ମେମୋରିଆଲ୍‌ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ମହାନ୍ତି କହିଛନ୍ତି, ବିଦ୍ୟାଳୟ ସ୍ତରରେ ସବୁ ବ୍ୟବସ୍ଥା ହୋଇଛି। ପାଠପଢ଼ା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ରହିଛି। ଅଭିଭାବକମାନେ ନିଶ୍ଚିନ୍ତରେ ପିଲାଙ୍କୁ ବିଦ୍ୟାଳୟକୁ ପଠାନ୍ତୁ। ଯେଉଁ ପିଲା ସ୍କୁଲ ନ ଆସିବେ ତାଙ୍କ ପାଖରେ ପହଞ୍ଚିବା ପାଇଁ ବ୍ୟବସ୍ଥା କରିବୁ।




ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସବୁଜ ସୁନ୍ଦର କରିବା ସହ ଅଣ ମୋଟରଚାଳିତ ପରିବହନକୁ ପ୍ରୋତ୍ସାହିତ କରିବା ବାର୍ତ୍ତା ନେଇ ରବିବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍‌ (ବିଏସ୍‌ସିଏଲ୍‌), ପାଣ୍ଟାଲୁନ୍‌ ଓ ମାଲାବାର ପକ୍ଷରୁ ଅନୁଷ୍ଠିତ ସାଇକ୍ଲୋଥନ୍‌।

## ଅଭିଯୁକ୍ତଙ୍କୁ କାବୁବେଳେ ବାଲିପାଟଣା ପୋଲିସ ହଟହଟା

କଣ୍ଟାପଡା, ୧୪।୧୧(ଡି.ଏନ୍‌.ଏ.)

ସାଦା ପୋଷାକରେ ଆସି ଜଣେ ଅଭିଯୁକ୍ତଙ୍କୁ କାବୁ କରିବାବେଳେ ବାଲିପାଟଣା ପୋଲିସକୁ ହଟହଟା ହେବାକୁ ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲିପାଟଣା ଥାନାରେ ରୁଜୁ ହୋଇଥିବା ଏକ ମାମଲାର ଅଭିଯୁକ୍ତ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣବାଟି ଗ୍ରାମର ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ଖବରପାଇ ବାଲିପାଟଣା ଆଇଆଇସି କୃପାସିନ୍ଧୁ ବରାଡ ଓ ଅନ୍ୟ କର୍ମଚାରୀ ସାଦା ପୋଷାକରେ ବ୍ରାହ୍ମଣବାଟି ଗ୍ରାମରେ ପହଞ୍ଚି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ସେ ଚିତ୍କାର କରିବାରୁ ସେହି ଗ୍ରାମର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଦା ପୋଷାକରେ ଥିବା ପୋଲିସକୁ ଜାଣି ନ ପାରି ସେମାନଙ୍କଠାରୁ ଅଭିଯୁକ୍ତଙ୍କୁ ଛଡାଇ ନେଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ବାଲିପାଟଣା ପୋଲିସଠାରୁ ଖବରପାଇ ଗୋବିନ୍ଦପୁର ଥାନା ଆଇଆଇସି ଅନାମ ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ସମ୍ପୃକ୍ତ ଯୁବକମାନେ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ବିଏସ୍‌ସିଏଲ୍‌ ପକ୍ଷରୁ ସାଇକ୍ଲୋଥନ୍‌

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସବୁଜ କରି ରଖିବା ତଥା ଅଣ ମୋଟର ଚାଳିତ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ ରବିବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍‌ (ବିଏସ୍‌ସିଏଲ୍‌) ପକ୍ଷରୁ ଏକ ସାଇକ୍ଲୋଥନ୍‌ ଅନୁଷ୍ଠିତ ହୋଇ ଯାଇଛି। ପାଣ୍ଟାଲୁନ୍‌ ଓ ମାଲାବାର୍‌ ସହଯୋଗରେ ଆୟୋଜିତ ଏହି ସାଇକ୍ଲୋଥନ୍‌ ପଟିଆ କିଟ୍‌ ଛକରୁ ବାହାରି ଶିଖରଚଣ୍ଡି ପାହାଡର ଶୀର୍ଷ ପର୍ଯ୍ୟନ୍ତ ଯାଇଥିଲା। ବିଏସ୍‌ସିଏଲ୍‌ ସିଇଓ ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ମାସରେ ଏଭଳି ସାଇକ୍ଲୋଥନ୍‌ର ଆୟୋଜନ କରାଯାଉଛି। ସେହିଭଳି ଖୁବ୍‌ଶୀଘ୍ର ସ୍ମାର୍ଟସିଟିର ପ୍ରମୁଖ ସ୍ଥାନରେ ୭ଟି ବୈଦ୍ୟୁତିକ ଯାନ (ଇଭି) ଚାର୍ଜିଂ ଷ୍ଟେସନ ସ୍ଥାପନ ହେବାକୁ ଯାଉଛି।

## ନୃତ୍ୟ କଳାର ନିପୁଣ୍ୟତା ଦେଖାଇଲେ ଦିବ୍ୟାଙ୍ଗ

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ମହୋତ୍ସବର ୪ର୍ଥ ଦିନରେ ରବିବାର ଦିବ୍ୟାଙ୍ଗ ପିଲାମାନେ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ନିଜର କଳା ନୈପୁଣ୍ୟତା ଦେଖାଇଥିଲେ। ସ୍ୱାଭିମାନ କାର୍ଯ୍ୟାଳୟଠାରେ ଭର୍ଚୁଆଲରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଧୁସ୍ମିତା ମହାନ୍ତିସ୍‌, ଉସ୍ତାଦ ବିସ୍ମିଲା ଖାନ୍‌, ରାଜଶ୍ରୀ ପ୍ରହରାଜ ବିଚାରକ ଥିଲେ। ୮୯ ଜଣ ପିଲା ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ଅନ୍ତିମ ପର୍ଯ୍ୟାୟରେ ୬ଜଣ ଶିଶୁ ନିଜର ନୃତ୍ୟ କଳା ପ୍ରଦର୍ଶନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ୮ବର୍ଷ ରୁ ୨୧ବର୍ଷ ବୟସ ବର୍ଗରେ ଓଡ଼ିଶା, ଗୋଆ, ଜମ୍ମୁ ଓ କଶ୍ମୀର, ହିମାଚଳ ପ୍ରଦେଶ, କୋଲକାତା ଏବଂ ତ୍ରିପୁରାରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଗୋଆର ରେୟା ନାରାୟଣ କୋମରପନ୍ତ ପ୍ରଥମ, କୋଲକତାର କୋରକ ବିଶ୍ୱାସ ଦ୍ୱିତୀୟ, ଓଡ଼ିଶାର ଆୟେଶା ପ୍ରିୟଦର୍ଶିନୀ ତୃତୀୟ ଏବଂ ରଶ୍ମିରେଖା ସାହୁଙ୍କୁ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ପୁରସ୍କାର ପ୍ରଦାନ କରାଯାଇଥିଲା। ତନ୍ମୟୀ ସାହୁ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରସନଜିତ୍‌


@ ରାଜେଶ


@ ସେହାଶିଷ


@ ଲକି


@ ଅଜିତ୍‌


@ ବିଜୟ

# ଓଡ଼ିଶା-ଆନ୍ଧ୍ର ସୀମା ବିବାଦ ସମାଧାନ ପାଇଁ ପଦଯାତ୍ରା ସାରି ଫେରିଲେ ମୁକ୍ତିକାନ୍ତ

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ସୀମା ବିବାଦର ସମାଧାନ ପାଇଁ ଭୁବନେଶ୍ୱରରୁ ଆନ୍ଧ୍ର ପ୍ରଦେଶ ରାଜଧାନୀ ଅମରାବତୀକୁ ପଦଯାତ୍ରାରେ ଯାଇଥିବା ଯୁବ ସାମାଜିକକର୍ମୀ ରାଉରକେଲା ମୁକ୍ତିକାନ୍ତ ବିଶ୍ୱାଳ ଓଡ଼ିଶା ଫେରି ଆସିଛନ୍ତି। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଲାଗି ରହିଥିବା ସୀମା ବିବାଦର ଯଥାଶୀଘ୍ର ସମାଧାନ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକତ୍ର ବସି ଆଲୋଚନା କରିବା ଦାବିରେ ମୁକ୍ତିକାନ୍ତ ଗାନ୍ଧୀ ଜୟନ୍ତୀରୁ ଭୁବନେଶ୍ୱରରୁ ପଦଯାତ୍ରାରେ ବାହାରିଥିଲେ। ଦୀର୍ଘ ୩୬ ଦିନ ପରେ ଗତ ୭ ତାରିଖ ଦିନ ସେ ଅମରାବତୀରେ ପହଞ୍ଚିବା ପରେ ୯ ତାରିଖରେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ବିରୋଧୀଦଳ ନେତା ଏନ୍‌. ଚନ୍ଦ୍ରାବାବୁ ନାଇଡୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍‌. ଜଗନମୋହନଙ୍କୁ ଭେଟି ନ ପାରି ତାଙ୍କ ରାଜନୈତିକ ପରାମର୍ଶଦାତାଙ୍କୁ ଭେଟିଥିଲେ। ରବିବାର ମୁକ୍ତିକାନ୍ତ ଲୋହିଆ ଏକାଡେମୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିଜ ପଦଯାତ୍ରାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିବାରୁ ସେ ଆନନ୍ଦ ପ୍ରକଟ କରିବା ସହିତ ସୀମା ବିବାଦର ସମାଧାନ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ପଦଯାତ୍ରା ସମୟରେ ବାଟରେ ବିଭିନ୍ନ ସ୍ଥାନରେ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଜନସାଧାରଣ ଓ ବୁଦ୍ଧିଜୀବୀ ତାଙ୍କୁ ଭେଟି ଯାତ୍ରାର ସଫଳତା କାମନା କରିଥିଲେ। ଏହି ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପିଲାଙ୍କ ସୃଜନଶୀଳତା ବିକାଶ କରୁଛି 'ସୁରଭି'

## ଜିଲାସ୍ତରୀୟ ଶିଶୁ ମହୋତ୍ସବ

ଖୋର୍ଦ୍ଧା ଅଫିସ,୧୪।୧୧

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପାଳିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର ସଭାପତିତ୍ୱ କରି ପିଲାଙ୍କ ପାଠପଢ଼ା ସହ ସୃଜନଶୀଳତାର ବିକାଶ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ନିଜ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବା ସହ ସ୍ୱପ୍ନ ସାକାର ହେବା ପର୍ଯ୍ୟନ୍ତ ପରିଶ୍ରମ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ୍‌.କେ. ଗୌହର ଅଲ୍ଲୀଙ୍କ ସମେତ ଜିଲା ଶିକ୍ଷା ମଣ୍ଡଳ ଅଧୀନ ଶିକ୍ଷା ଅଧିକାରୀମାନେ ମଞ୍ଚାସୀନ ଥିଲେ। ଜିଲା ଶିକ୍ଷାଧିକାରୀଙ୍କ 'ମୋ କଥା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ମଣ୍ଡଳ ସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ଉନ୍ନୀତ ହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଜିଲାସ୍ତରୀୟ ପ୍ରତିଯୋଗୀତା ହୋଇଥିଲା। ସେମାନଙ୍କ ମଧ୍ୟରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୫ଜଣଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅଖିଳେଶ ମହାପାତ୍ର, ଅନୁସୂଚିତ ଜାତି ଓ ଜନଜାତିର ସଂଯୋଜିକା ସୁନୀତା ପଟ୍ଟନାୟକ ପରିଚାଳନା କରିଥିଲେ। କୃତୀ ଦିବ୍ୟାଙ୍ଗ ଛାତ୍ରୀ ଆଶା ବାହାଦୁର ଗୁରୁମଙ୍କ ଦ୍ୱାରା ପରିବେଷିତ 'ଜଗତର ନାଥ ଜଗନ୍ନାଥ' ନୃତ୍ୟ ମନ ଛୁଇଁଥିଲା। ସେହିପରି ବିଭିନ୍ନ ନୃତ୍ୟସଙ୍ଗୀତ ପରିବେଷିତ ହୋଇଥିଲା।

## ଡ. କିୟୋର ଡିଜିଟାଲ ଆପ୍‌ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଭୁବନେଶ୍ୱର,୧୪।୧୧

ଡ. କିୟୋର ଡିଜିଟାଲ ଆପ୍‌ ପକ୍ଷରୁ ରବିବାର ସ୍ଥାନୀୟ ପଳାଶୁଣୀ କେନାଲ ରୋଡ ସ୍ଥିତ କମଳା ବିହାର ଆପାର୍ଟମେଣ୍ଟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ କରାଯାଇଥିଲା। ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ ଡ. ଏସ.ସି.ମଲ୍ଲିକ, ମୁଖ ଗହ୍ୱର କ୍ୟାନ୍‌ସର ସର୍ଜନ ଡ. ଶୁଭ୍ରଜିତ ରାଉତ ଏବଂ ଏଏସ୍‌ଜି ଆଇ ହସ୍ପିଟାଲର ଡ. ଅରବିନ୍ଦ ଜେନା ପ୍ରମୁଖ ଉକ୍ତ ଶିବିରରେ ଯୋଗ ଦେଇଥିଲେ। ଆପାର୍ଟମେଣ୍ଟ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଓ ଅନ୍ୟମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ଡାକ୍ତର ପରାମର୍ଶ ନେଇଥିଲେ। ଏହି ଡିଜିଟାଲ ଆପ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅର୍ଚ୍ଚନା ମଲ୍ଲିକ ଶିବିରକୁ ପରିଚାଳନା ସହ ରୋଗୀମାନଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ।



ଟ୍ରେଜର ହଣ୍ଟ ଅନୁଷ୍ଠାନ ପକ୍ଷରୁ ଅଙ୍ଗଦାନ ଓ ଜନସଚେତନତା ନେଇ ରବିବାର କଟକ ମିଶନ ରୋଡସ୍ଥିତ ୟୁନିୟନ କ୍ଲବ ପରିସରରୁ ବାହାରିଥିବା ବାଇକ୍‌ ଶୋଭାଯାତ୍ରା।




ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।




ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଜିଲା କୋର୍ଟ ପରିସରରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଆରମ୍ଭ ହେଲା ୩୨ତମ ପିକକ୍ ଶିଶୁମେଳା

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ):** ୩୨ତମ ପିକକ୍ ଶିଶୁମେଳା ରବିବାର ଭର୍ଚୁଆଲରେ ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ କହିଲେ, ଆମେ ସବୁ ମିଳିମିଶି ଶିଶୁଙ୍କର ବିକାଶ ପାଇଁ କାର୍ଯ୍ୟ କଲେ ଏକ ସୁନ୍ଦର ଶୈଶବ ଭରା ଦୁନିଆର ସ୍ୱପ୍ନ ପୂରଣ ହୋଇ ପାରିବ। ପିକକ୍ ଶିଶୁମେଳା କମିଟି ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅଧକ୍ଷା ମିନାକ୍ଷୀ ପଣ୍ଡା ଯୋଗଦେଇ, ମାତାପିତା ପିଲାଙ୍କୁ ସମୟ ଦେବା ଓ ସେମାନଙ୍କ କଥା ଶୁଣିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁମେଳାର ସମସ୍ତ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପିକକ୍‌ର ଫେସବୁକ୍ ପେଜ୍ @pecucodishaରେ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟା ୩୦ରେ ଫେସ୍‌ବୁକ୍ ଲାଇଭ୍ କରାଯିବ। ବିଭିନ୍ନ ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯିବ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ଡାକ ଯୋଗେ ସେମାନଙ୍କ ଠିକଣାକୁ ପଠାଯିବ। ୨୦ ତାରିଖରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିକକ୍‌ର ବାର୍ଷିକ ସମ୍ମାନ ପ୍ରଦାନ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ସୁରକ୍ଷା ଅୟୋଗ ସଦସ୍ୟା ଦିବ୍ୟା ଶାଶ୍ୱତୀ, ଆମ୍ବାସାଡର ଅଂଶିକା ରାଉତରାୟ, ଶିଶୁ କଳାକାର ସିମରନ୍ ପଟ୍ଟନାୟକ, ତିଆରା ମିସ୍ ଟିନ୍ ଇଣ୍ଡିଆ ଲାବଣ୍ୟା ଦାସ ପ୍ରମୁଖ ଯୋଗ ଦେଇଥିଲେ। କର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ନେହେରୁ ପଞ୍ଚଶୀଳ ନୀତି ଗ୍ରହଣ କରିଥିଲେ

**ଭୁବନେଶ୍ୱର, ୧୪।୧୧ :** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ୍ ନେହେରୁ ଗାନ୍ଧିଜୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣୀତ ହୋଇ ସ୍ୱାଧୀନତା ସଂଗ୍ରାମୀରେ ନିଜକୁ ସାମିଲ୍ କରି ବହୁବାର କାରାବରଣ କରିଥିଲେ । ଦେଶ ସ୍ୱାଧୀନତା ପରେ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରି ସେ ଯୁଦ୍ଧର ବିଭୀଷିକା ହଟାଇବା ପାଇଁ ପଞ୍ଚଶୀଳ ନୀତି ଗ୍ରହଣ କରିଥିଲେ। ରବିବାର ନେହେରୁଙ୍କ ୧୩୨ତମ ଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ମାଷ୍ଟରକ୍ୟାଣ୍ଟିନସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସଂଯୋଜକ ପ୍ରବୀର ମହାନ୍ତି, ଦେବଯାନୀ ଦାସ, ସତ୍ୟବ୍ରତ ଜେନା, କଳ୍ପତରୁ ସାମନ୍ତରାୟ, ଦିଲ୍ଲୀପ ପାଢ଼ୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ପିସିସି ପକ୍ଷରୁ ପଣ୍ଡିତ ନେହେରୁଙ୍କ ଜୟନ୍ତୀ

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରବିବାର ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନଠାରେ ପାଳିତ ହୋଇଯାଇଛି। ସକାଳେ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଣ୍ଟିନ ଛକ ଓ ପରେ କଂଗ୍ରେସ ଭବନ ପରିସରରେ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ରଶ୍ମି ମହାପାତ୍ର, ମନୋରଞ୍ଜନ ଦାଶ, ପଦ୍ମାକର ଗୁରୁ, ହଳଧର ସେଠୀ, ଜ୍ୟୋତିଷ ସାହୁ, ସ୍ୱାଧୀନବାଳା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଆକ୍ରମଣ, ଖଣ୍ଡା ଧରି ଆତଙ୍କ

**ପୁରୀ ଅଫିସ, ୧୪।୧୧**





ଭୁବନେଶ୍ୱର, କଟକ ଓ ବଲାଙ୍ଗୀର ପରେ ଏବେ ପର୍ଯ୍ୟଟନ ସହର ପୁରୀରେ ଅମାନିଆ ଯୁବଗୋଷ୍ଠୀ ଆତଙ୍କ ଖେଳାଇଛନ୍ତି। ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି। ପୁରୀ ଜିଲାରେ ଏଭଳି ୫ଟି ଭିଡିଓ ସାମ୍ନାକୁ ଆସିଛି। ଶନିବାର ରାତିରେ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ଯୁବକ ୪ଜଣଙ୍କ ଉପସ୍ଥିତିରେ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଏହା ପୁରୀ ଚନ୍ଦନପୁର ଅଞ୍ଚଳର ଘଟଣା ବୋଲି କୁହାଯାଉଛି। ସେହିପରି ଆଉଜଣେ ଯୁବକ ତାଙ୍କ ଫେସ୍‌ବୁକ୍ ଷ୍ଟାଟସ୍‌ରେ ଖଣ୍ଡା ଧରି ଫଟୋ ପୋଷ୍ଟ କରିଛନ୍ତି। ଏହା ସାଧାରଣରେ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ଚର୍ଚ୍ଚା ଜୋର ଧରିବା ପରେ ଏସ୍‌ପି କନୱର ବିଶାଲ ସିଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁରୀରେ କୌଣସି ପ୍ରକାର ଆପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

- ସାମ୍ନାକୁ ଆସିଲାଣି ୫ ଘଟଣା
- ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ଅନେକ ଯୁବକ ବିଭିନ୍ନ କାରଣରୁ ବିପଥଗାମୀ ହୋଇ ଅପରାଧ ଦୁନିଆରେ ପାଦ ଦେବା ସହ ନିଜ ପତିଆରା ଜାହିର ପାଇଁ ସୋସିଆଲ ମିଡିଆକୁ ବ୍ୟବହାର କରୁଛନ୍ତି। ବିଶେଷକରି ସେମାନେ ଭୟ ଦେଖାଇ ଅର୍ଥ ଉପାର୍ଜନ କରିବା ପାଇଁ ଏଭଳି ଉପାୟ ଆପଣାଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏସ୍‌ପି ସିଂ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୫ଟି ଭିଡିଓ ଭାଇରାଲ ହୋଇଥିବା ପୋଲିସ ନଜରକୁ ଆସିଛି। ଏ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏପରି ଭିଡିଓ କରିବାରୁ ଯୁବତୀ ଯୁବକ ଦୂରେଇ ରହି ନିଜ ପାଠପଢ଼ା ଓ କ୍ୟାରିୟର ପ୍ରତି ମନୋନିବେଶ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସେହିପରି ଗତ କିଛି ମାସ ହେଲା ପୁରୀ ପୋଲିସ ବେଆଇନ ନିଶା କାରବାର, ଦାଦାବଟି ଆଦାୟକାରୀ ଏବଂ ବିଭିନ୍ନ ଆପରାଧିକ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛି ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ କ୍ଷେତ୍ର। ସାରା ବିଶ୍ୱରୁ ଲୋକେ ଏଠାକୁ ଆସିଥାନ୍ତି। ତେଣୁ ପୋଲିସ ପ୍ରଶାସନ ସର୍ବଦା ସଜାଗ ରହିବା ଆବଶ୍ୟକ। ଏହି ଘଟଣା ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ୨ ଯୁବକଙ୍କୁ କାଉନସେଲିଂ କରି ଛାଡ଼ିଲା ପୋଲିସ

ଆକ୍ରମଣ ଓ ଖଣ୍ଡା ଧରି ଫଟୋ ଉଠାଇବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ଘଟଣାରେ ରବିବାର ସନ୍ଧ୍ୟାରେ ପୁରୀ ପୋଲିସ ଦୁଇଜଣ ଯୁବକଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଉଭୟ ଯୁବକଙ୍କୁ କାଉନସେଲିଂ କରିବା ପରେ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇ ପୋଲିସ ଛାଡ଼ି ଦେଇଛି। ସମ୍ପୃକ୍ତ ଯୁବକ ଦ୍ୱୟ ହେଲେ ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ବେଲଦଳ ଅଞ୍ଚଳର ସତ୍ୟଜିତ ପ୍ରଧାନ (୧୯) ଏବଂ ଚନ୍ଦନପୁର ଥାନା ତଳଜଙ୍ଗ ଅଞ୍ଚଳର ବାପି ପ୍ରଧାନ (୨୫)। ତେବେ ଦୁହେଁ କୌଣସି ପ୍ରକାର ଆପରାଧିକ କାର୍ଯ୍ୟ ଉଦ୍ଦେଶ୍ୟରେ ଏଭଳି ଭିଡିଓ କରି ନ ଥିବା କହିଛନ୍ତି। ସଦର ଏସ୍‌ଡିପିଓ କେ.ସି. ମୁଣ୍ଡ ସେମାନଙ୍କୁ ସୋସିଆଲ ମିଡିଆର ଉଚିତ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଦୁହେଁ ପୋଲିସକୁ ପ୍ରତିଶୃତି ଦେବା ପରେ ପୋଲିସ ସେମାନଙ୍କୁ ଛାଡ଼ିଛି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଦୁଇଟି ଫୋନ୍ ନମ୍ବର ଜାରି କରାଯାଇଛି। ଏଭଳି କୌଣସି ଘଟଣା ନଜରକୁ ଆସିଲେ ଉକ୍ତ ନମ୍ବରରେ ଜଣାଇବା ପାଇଁ କୁହାଯାଇଛି।

### ଶୀତ ସାହିତ୍ୟ ଅସାର

**ଭୁବନେଶ୍ୱର,୧୪।୧୧**

ଶିଶୁ ଦିବସ ଅବସରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ପକ୍ଷରୁ ମଞ୍ଚେଶ୍ୱର ସମେଇଗାଡ଼ିଆ ଠାରେ 'ଶୀତ ସାହିତ୍ୟ ଅସାର' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମାର୍ଗଦର୍ଶକ କବି ପ୍ରସନ୍ନ ପଟ୍ଟଶାଣୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଚକ୍ରଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ରମାକାନ୍ତ ମିଶ୍ର ସାହିତ୍ୟ ପ୍ରଚାର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ଅଧିକାରୀ ଭବକୃଷ୍ଣ ମହାନ୍ତି ଯୋଗଦେଇଥିଲେ। ଏହ ଅବସରରେ ଅନୁଷ୍ଠାନର 'ଶାରଦୀୟ ବିଶେଷାଙ୍କ'କୁ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଛି।

### ଶିଶୁର ସାର୍ବଜନୀନ ବିକାଶ ପାଇଁ ମିଳିତ ଉଦ୍ୟମ ଆବଶ୍ୟକ

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**

ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ ଓ ସାର୍ବଜନୀନ ବିକାଶ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ଶିଶୁ କୈନ୍ଦ୍ରିକ ପରିବେଶ ସହ ଜଳବାୟୁ ପରିବର୍ତ୍ତନ ପ୍ରତି ଧ୍ୟାନ ଦେବାକୁ ପଡିବ ବୋଲି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି। ରବିବାର ସିସିଡବ୍ଲ୍ୟୁଡି ଓ ଆକ୍ସନ୍‌ଏଡ୍‌ର ମିଳିତ ଆନୁକୁଲ୍ୟରେ ରୋଟାରୀ ଭବନରେ ଶିଶୁ ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନ୍ଧ୍ୟାବତୀ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଶିଶୁଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଯତିନ୍ଦ୍ର ଦାସ ଶିଶୁ ଅନୁକୂଳ ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ସାହିତ୍ୟିକ ଶରତ କୁମାର ନାୟକ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ କହିଥିଲେ। ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ନିଜର ମତ ରଖିଥିଲେ। ଭାସ୍କର ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### କାର୍ଯ୍ୟକାରୀ ହେଉନି ମୁଖ୍ୟମନ୍ତ୍ରୀଙ୍କ ପୂର୍ଣ୍ଣ ଅନୁଦାନ ଘୋଷଣା

**ଭୁବନେଶ୍ୱର,୧୪।୧୧**

୨୦୧୮ରୁ ବ୍ଲକଗ୍ରାଣ୍ଟ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହ ପ୍ରତ୍ୟେକ୍ଷ ପୂର୍ଣ୍ଣ ଅନୁଦାନ ପ୍ରଦାନ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ସତ୍ତ୍ୱେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏହା ପ୍ରତିବାଦରେ ଗାନ୍ଧୀମାର୍ଗଠାରେ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮ବର୍ଗ) ଅଧାପକ ଓ କର୍ମଚାରୀ ସଂଘ ପକ୍ଷରୁ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୦/୨୫ ବର୍ଷ ପରେ ଚାକିରୀ ଜୀବନ ଆରମ୍ଭ କରିଥିବା ନୂତନ ଅଧାପକଙ୍କୁ ସରକାର ସମସ୍ତ ଚାକିରୀ ସର୍ତ୍ତାବଳୀ ପ୍ରଦାନ କରୁଥିବାବେଳେ ଅବସରପ୍ରାପ୍ତ ଆନ୍ଦୋଳନରତ ଏହି ଅଧାପକ ଓ କର୍ମଚାରୀଙ୍କୁ କୌଣସି ଅବସରକାଳୀନ ସୁବିଧା ନ ଦେବା ଏକ ଗଣତାନ୍ତ୍ରିକ ସରକାର ପକ୍ଷେ ଶୋଭନୀୟ ନୁହେଁ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ମାନସ ପୁରୋହିତ ଓ ସାଧାରଣ ସମ୍ପାଦକ ପ୍ରିୟରନ ରଥ କହିନ୍ତି। ତେଣୁ ଯଥାଶୀଘ୍ର ଏହିବର୍ଗର ଅଧାପକ ଓ କର୍ମଚାରୀଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନର ସୁପାରିଶ ଆଧାରରେ ଦରମା ପ୍ରଦାନ, କମନ୍ କ୍ୟାଡ଼ରରେ ଅନ୍ତର୍ଭୁକ୍ତ କରି ପଦୋନ୍ନତି ଦେବା ସହ ଜିପିଏଫ୍, ପେନସନ, ଗ୍ରାଚ୍ୟୁଇଟି ଇତ୍ୟାଦି ସମସ୍ତ ଚାକିରୀ ସର୍ତ୍ତାବଳୀ ଘୋଷଣା ନ କଲେ ଏହି ଆନ୍ଦେଳନକୁ ତୀବ୍ରତର କରାଯିବ ବୋଲି ସଂଘ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

### ତୃତୀୟ ଶ୍ରେଣୀର ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀର ପାଠକ ହେବା ଭଲ

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**

ଭୁବନେଶ୍ୱର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରି 'ତୃତୀୟ ଶ୍ରେଣୀର ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀର ପାଠକ ହେବା ଭଲ' ବୋଲି କହିଥିଲେ। ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର, ସାରଳା ଭାଷା ସାହିତ୍ୟ ଏବଂ ପୁରାତତ୍ତ୍ୱ ଗବେଷଣା ନ୍ୟାସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ସାରଳା ଦାସଙ୍କଠାରୁ ରାଧାନାଥଙ୍କ ବାଟ ଦେଇ ସଚ୍ଚି ରାଉତରାୟ ଓ ତା' ପରବର୍ତ୍ତୀ କାବ୍ୟ କବିତାରେ କିପରି ଓଡ଼ିଆ କାବ୍ୟ ଭାଷାର ବିବର୍ତ୍ତିତ ହୋଇଛି ସେ ନେଇ ତାତ୍ତ୍ୱିକ ଆଲୋଚନା କରିଥିଲେ। ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ.ଶତ୍ରୁଘ୍ନ ପାଣ୍ଡବ ଓ ଉଚ୍ଚଶିକ୍ଷା ବିଭାଗ ଉପ ସଚିବ ଡ.ରମେଶ ଚନ୍ଦ୍ର ବେହେରା। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ କାନାଡାରୁ ଆସିଥିବା ବିଦ୍ୟା ପ୍ରକାଶନର ମୁଖ୍ୟ ପ୍ରଫେସର ତନ୍ମୟ ପଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାରଳା ଭାଷା, ସାହିତ୍ୟ ଓ ଗବେଷଣା ନ୍ୟାସର ସମ୍ପାଦକ ଅଜିତ ଦାଶ ପ୍ରାରମ୍ଭିକ ସୂଚନା ଓ ପ୍ରଫେସର ବସନ୍ତ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ବୈଷୟିକ ଅଧିବେଶନରେ ଓଡ଼ିଆ କାବ୍ୟ ଭାଷା ସମ୍ପର୍କରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ଜ୍ଞାନୀ ଦେବାଶିଷ ମିଶ୍ର, ଡ.ଦେବାଶିଷ ମହାପାତ୍ର, ପ୍ରଫେସର ସନ୍ତୋଷ ରଥ, ଡ.ସୁନୀଲ ରଥ, ଡ.ବୈଜୟନ୍ତୀ ନାୟକ ଓ ସୋମନାଥ ବିଶୋୟୀ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ କବି ପ୍ରଦୀପ ବିଶ୍ୱାଳ ଓ କବି ଡ.ଦିଲୀପ କୁମାର ସ୍ୱାଇଁ ଯୋଗଦେଇଥିଲେ। ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କବି ଡ.ପ୍ରସନ୍ନ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ।




ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନରେ ଉପସ୍ଥିତ ଅତିଥିମାନେ।




ଓଏସ୍‌ଏସ୍‌ଟିଇଟି ଏବଂ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଆଶାୟୀ ଶିକ୍ଷକମାନଙ୍କୁ ଉଚ୍ଚବିଦ୍ୟାଳୟରେ ନିଯୁକ୍ତି ଦାବି କରି ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ଧାରଣା।

### ଡାଇବେଟିସ୍ ସଚେତନତା ଶିବିର

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ବିଶ୍ୱ ଡାଇବେଟିସ୍ ଦିବସ ଉପଲକ୍ଷେ ରବିବାର ଭୁବନେଶ୍ୱର ବାର୍ ଆସୋସିଏଶନ ପରିସରରେ ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏଶନ ଓ ୟୁନାଇଟେଡ୍ ୱାର୍ଲ୍ଡ ଏଗେନ୍‌ଷ୍ଟ ଡାଇବେଟିସ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଆଇନ୍‌ଜୀବୀଙ୍କ ଡାଇବେଟିସ୍ ପରୀକ୍ଷା କରାଯାଇ ସଚେତନ କରାଯାଇଥିଲା। ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ଉପସ୍ଥିତ ଥିଲେ। ଜିଲା ଜଜ୍ ରମାଶଙ୍କର ହୋତା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

### ଅଭିଯୁକ୍ତଙ୍କ ଘରୁ ପୁଣି ମିଳିଲା ମାରଣାସ୍ତ୍ର

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**



**କେବିଏନ୍ ଗ୍ୟାଙ୍ଗର ୫ ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା**

- ଖେଳଣା ବନ୍ଧୁକ, ଖଣ୍ଡା, ଭୁଜାଲି, ବାଇକ୍ କ୍ରାଙ୍କ୍ ଜବତ
- ଜେରାରୁ ପୋଲିସ ପାଇଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ
- ମାଷ୍ଟରମାଇଣ୍ଡ ବୁବୁଙ୍କ ପତ୍ତା ପାଉନି

ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିଥିବା କେବିଏନ୍ ଗ୍ୟାଙ୍ଗ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରୁଛି କମିଶନରେଟ ପୋଲିସ। ଶନିବାରଠାରୁ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ପୋଲିସ ମାରଥନ୍ ଜେରା କରିଥିଲା। ଅଭିଯୁକ୍ତ ରାହୁଲ ଜେନା, ରାଜେଶ ବେହେରା ଓରଫ ଚେଙ୍ଗ, ସୁମନ କୁମାର ପରିଡ଼ା, ସନାତନ ବେହେରା ଓରଫ ସନିଆ ଓ ନରେନ୍ଦ୍ର କୁମାର ଜେନାଙ୍କୁ ପୃଥକ ଭାବେ ପଚରାଉଚରା କରାଇଥିଲା। ସେମାନଙ୍କ ବୟାନ ଆଧାରଣରେ ରବିବାର ପୁଣି ୨ଟି ଖେଳନା ବନ୍ଧୁକ, ଗୋଟିଏ ବାଇକ୍ କ୍ରାଙ୍କ୍, ୨ଟି ଖଣ୍ଡା, ଗୋଟିଏ ଭୁଜାଲି ଜବତ ହୋଇଛି। ପୂର୍ବରୁ କେବିଏନ୍ ଗ୍ୟାଙ୍ଗରେ ୨୯ଜଣ ସଦସ୍ୟ ଥିବା ପୋଲିସ କହିଥିଲା। ହେଲେ ଏବେ ଉକ୍ତ ଗ୍ୟାଙ୍ଗରେ ୩୦ଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ଗ୍ୟାଙ୍ଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ହାସଲ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୁବୁ ଜେନାଙ୍କ ସମ୍ପର୍କରେ ଏଯାବତ୍ ସାମାନ୍ୟତମ ସୂଚନା ମିଳିପାରୁ ନାହିଁ। ତେବେ ଏମାନେ ଯେଉଁ ବନ୍ଧୁକ ଧରି ଭିଡିଓ ଭାଇରାଲ କରିଥିଲେ ତାହା ଖେଳନା ବୋଲି ପୋଲିସ ସ୍ପଷ୍ଟ କରିଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇ ବିଭିନ୍ନ ତଥ୍ୟ ହାସଲ କରାଯାଇଛି। ତାଙ୍କ ସାଙ୍ଗରେ କିଏ କିଏ ରହୁଥିଲେ, ସେମାନେ କେଉଁଠି ବସି ଖଟି କରୁଥିଲେ, ଭିଡିଓ ଶୁଟିଂ ଓ ଏଡିଟିଂ କେମିତି କରିଛନ୍ତି, ସୋସିଆଲ୍ ମିଡିଆରେ ଅପଲୋଡ୍ କିଏ କରିଛି, ସେମାନଙ୍କୁ ଜେରାବେଳେ ଏଭଳି ବିଭିନ୍ନ ତଥ୍ୟ ଆମେ ସଂଗ୍ରହ କରିଛୁ। ସେମାନେ ଦେଖେଇ ହୋଇ ଜନସାଧାରଣଙ୍କୁ ଭୟଭୀତ କରୁଥିଲେ। ତେବେ ଆଉ ଯେଉଁ ସଦସ୍ୟଙ୍କ ଘରେ ମାରଣାସ୍ତ୍ର ରହିଛି ସେସବୁକୁ ଜବତ କରାଯିବ। ଆବଶ୍ୟକ ପଡିଲେ ଏମାନଙ୍କୁ ପୁନର୍ବାର ରିମାଣ୍ଡରେ ଆଣାଯିବ। ଗ୍ୟାଙ୍ଗର ଫେରାର ସଦସ୍ୟଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା ଚାଲିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଷ୍ଟରମାଇଣ୍ଡ ବୁବୁଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ରାଜଧାନୀରେ କେବିଏନ୍ ଗ୍ୟାଙ୍ଗ ମୁଣ୍ଡ ଟେକିଥିଲା। ସେମାନେ ଅପରାଧ ଘଟାଇବା ସହ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାକୁ ଖଣ୍ଡା, ଭୁଜାଲି ବୁଲାଇ ଗୁଳି ଫୁଟାଇ ଭିଡ଼ିଓକୁ ଭାଇରାଲ କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଥିଲେ। ଲୁଟ୍‌ପାଟ କରିବା ସହ ଦାଦାବଟି ମଧ୍ୟ ମାଗିବା ଆରମ୍ଭ କରିଥିଲେ। ଏୟାରପୋର୍ଟ ଥାନା ପୋଖରୀପୁଟ ଅଞ୍ଚଳରେ ଅଭିଯୁକ୍ତ ଚେଙ୍ଗ ରହୁଥିବା ଘର ଭାଙ୍ଗି ପୋଲିସ ଏକ ଖଣ୍ଡା ଜବତ କରିଥିଲା। ତା'ପର ଦିନ ବୁବୁଙ୍କ ଘରେ ମଧ୍ୟ ପୋଲିସ ଚଢ଼ାଉ କରିଥିଲା। ଚେଙ୍ଗ ଓ ସନିଆ ଭୟଭୀତ ହୋଇ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁଙ୍କ ଜୟନ୍ତୀରେ ରବିବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ବିଶ୍ୱ ଡାଇବେଟିସ୍ ଦିବସ ଉପଲକ୍ଷେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ରବିବାର ଅନୁଷ୍ଠିତ ସଚେତନତା ପଦଯାତ୍ରା ।



ଶିଶୁ ଦିବସ ଉପଲକ୍ଷେ ପୁରୀ ଜିଲା ନିମାପଡ଼ାଠାରେ ଅନୁଷ୍ଠିତ ୫ମ ପ୍ରତିଭା ଅନ୍ୱେଷଣ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

## ଶିକ୍ଷକ, ଅଭିଭାବକ ସମ୍ମିଳନୀ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂଲିଶ୍ ବିଭାଗ ପକ୍ଷରୁ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଇଂଲିଶ୍ ବିଭାଗ ପ୍ରକୋଷ୍ଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଫୁଲ୍ଲ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପଣ୍ଡା ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଅବ୍ରାର ଅହମ୍ମଦ ସ୍ୱାଗତ ଭାଷଣ ଦେଇଥିଲେ। ଅଭିଭାବକ ସନ୍ତୋଷ ବେହେରା, ରୀତା ଖଣ୍ଡ ୱାଲ୍, ନିର୍ମଳ ଚନ୍ଦ୍ର ଗୁରୁ ଓ ସାଇଦା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୯୨ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ ଅଫିସ,୧୪।୧୧: ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ନିକଟରେ ରବିବାର ଚଢାଉ କରାଯାଇ ୯୨ କେଜି ଗଞ୍ଜେଇ ଓ ଏକ କାର ଜବତ କରାଯାଇଛି। ଏହି ଘଟଣାରେ ବିହାର ଭାଗଲପୁରର ଏମ୍‌ଡି. ଇଜହାର ଆଲମ(୩୫) ଓ ଏମ୍‌ଡି ମୀନହାଜ(୩୭)ଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁରରୁ ଉକ୍ତ କାର(ନଂ. ଡବ୍ଲ୍ୟୁବି୦୨ଜେଡ-୧୯୬୨)ରେ ପଶ୍ଚିମବଙ୍ଗ ଗଞ୍ଜେଇ ଚାଲାଣ ହେଉଥିବା ସ୍କ୍ୱାଡ୍ ପାଖରେ ଖବର ପହଞ୍ଚିଥିଲା। ସକାଳ ୬ଟାବେଳେ ସ୍କ୍ୱାଡ୍ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗୁଳି ଛକରେ ଜଗି ରହିଥିଲା। କାର ସେଠାରେ ପହଞ୍ଚିବା ପରେ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯିବାରୁ ୪ଟି ବସ୍ତାରେ ୯୨ କେଜି ଗଞ୍ଜେଇ ମିଳିଥିଲା। ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପଟେଲ କହିଛନ୍ତି।

### ଗୋପାଷ୍ଟମୀ ମହୋତ୍ସବ ପାଳିତ

ଚୌଦ୍ୱାର,୧୪।୧୧(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବେରେଣାସ୍ଥିତ ନନ୍ଦଗାଁ ଗୋସେବା ଆଶ୍ରମରେ ଗୋପାଷ୍ଟମୀ ମହୋତ୍ସବ ଓ ବାଳଗୋପାଳ ଦିବସ ରବିବାର ପାଳିତ ହୋଇଯାଇଛି। ଗୋସେବା ଆଶ୍ରମ ପରିସରରେ ସଙ୍ଗଠନ ସଭାପତି କମଳ କୁମାର ସିକାରିଆଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଅମର ପ୍ରସାଦ ଶତପଥୀ, ଚେୟାରମ୍ୟାନ ଡ. କିଶନ୍‌ଲାଲ ଭାଟିଆ, ଦେବକୀ ନନ୍ଦନ ଯୋଶୀ, ବିଜୟ ଖଣ୍ଡେଲୱାଲ, ନଥମଲ ଚିନାନୀ ପ୍ରମୁଖ ଯୋଗଦେଇ ସମସ୍ତେ ଗୋମାତାଙ୍କ ସେବା କରି ଜୀବନର ଆନନ୍ଦ ଉପଲବ୍ଧ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଅତ୍ୟାଧୁନିକ ଗୋ ଚିକିତ୍ସା କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପୁରୁଷୋତ୍ତମ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

### ପାରାଡକ୍ସେସ ଅଫ ଲାଇଫ ଉପନ୍ୟାସ ଉନ୍ମୋଚିତ

କଟକ ଅଫିସ,୧୪।୧୧- କଟକସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ପାରାଡ଼କ୍ସେସ ଅଫ ଲାଇଫ ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ଡ. ସୁଜାତା ଶୁଭଦର୍ଶିନୀ ନାୟକଙ୍କ ଲିଖିତ ଏହି ଉପନ୍ୟାସକୁ କବି ଜୟନ୍ତ ମହାପାତ୍ର ଉନ୍ମୋଚନ କରିଥିଲେ। କବି ଧନଞ୍ଜୟ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ବେଣୁଧର ପାଢ଼ୀ, ସମ୍ମାନିତ ଅତିଥି ଅମରେଶ ପଟ୍ଟନାୟକ, ପଶ୍ଚିମା ପବ୍ଲିକେଶନର ପ୍ରକାଶକ ଅଶୋକ ମହାନ୍ତି, ପ୍ରଶାସନିକ ଅଧିକାରୀ ତପନ ଶତପଥୀ, ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ସେବା ସଙ୍ଗଠନର ବୈଠକ

କଟକ ସଦର, ୧୪।୧୧(ଡି.ଏନ.ଏ.)- କିଶନନଗର ଅଞ୍ଚଳର ବିପଦର ବନ୍ଧୁ ସେବା ସଙ୍ଗଠନର ଏକ ବୈଠକ ରବିବାର କିଶୋରନଗରଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଭୈରବ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ଅସହାୟ ଲୋକଙ୍କ ଭଲମନ୍ଦ ବୁଝି ସାହାଯ୍ୟ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସୁଧାକର ଦାସ ବିବରଣୀ ପାଠ କରିଥିବାବେଳେ ଉପସଭାପତି ବିପିନ ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅସହାୟ ବୃଦ୍ଧ ଯୋଲେଖା ବିବିଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀ ଜୟନ୍ତୀ ପାତ୍ର, ଯାବେର ଅଲ୍ଲୀ, ନାରାୟଣ ଦାସ, ପ୍ରଫୁଲ୍ଲ ପାତ୍ର, ଆଲୋକ ମଣ୍ଡଳ ଓ ଜଗନ୍ନାଥ ମଲ୍ଲିକ ଯୋଗଦେଇଥିଲେ।

# ଘରୋଇ ରାସ୍ତାକୁ ନେଇ ବୃଦ୍ଧିପାଉଛି ବିବାଦ

କଟକ ସଦର, ୧୪।୧୧(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ୨୦୦୮ରୁ ସରକାର ରାସ୍ତାଗୁଡ଼ିକୁ କଂକ୍ରିଟ କରିବା ପାଇଁ ନିୟମ ପ୍ରଣୟନ କରିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥା ଜରିଆରେ ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକୁ କଂକ୍ରିଟ କରିବା କାର୍ଯ୍ୟ ଆଜିପର୍ଯ୍ୟନ୍ତ ଜାରି ରହିଛି। ତ୍ରୟୋଦଶ, ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନରେ ଗାଁଦାଣ୍ଡ ଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ଗୁଡ଼ିକର ଉନ୍ନତି କରାଯାଉଥିବାବେଳେ ଘରୋଇ ରାସ୍ତା କାମକୁ କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ସ୍ଥାନୀୟ ଲୋକମାନେ ବିରୋଧ କରିବା ଆରମ୍ଭ କଲେଣି। ସରକାରୀ ନକ୍ସାରେ ରାସ୍ତା ବୋଲି ଉଲ୍ଲେଖ ନ ଥିବା ଜମିକୁ ଘରୋଇ ବୋଲି ଆଖ୍ୟା ଦିଆଯାଉଛି। ପ୍ରଥମେ ନକ୍ସାରେ ଥିବା ରାସ୍ତା ପ୍ରତି ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଅନେକ ସ୍ଥାନରେ ଲୋକ ପ୍ରତିନିଧିମାନେ ନିଜର ପତିଆରା ବଜାୟ ରଖିବା ପାଇଁ ସରକାରୀ ରାସ୍ତା ପ୍ରତି ଅଣଦେଖା କରି ଘରୋଇ ରାସ୍ତାକୁ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ଫଳରେ ୧୨ ବର୍ଷ ଧରି ଏହି ବ୍ଲକର ୨୧ଟି ପଞ୍ଚାୟତରେ ନିରବଚ୍ଛିନ୍ନ ଭାବେ ରାସ୍ତା କାମ କରାଯାଉଥିଲେ ସୁଦ୍ଧା ତାହା ସରିପାରୁନି। ଯାହାର ଉଦାହରଣ ଦେଖିବାକୁ ମିଳିଛି ଅରିଲୋ ପଞ୍ଚାୟତ ଅନ୍ତର୍ଗତ ବସ୍ତପଡ଼ା ଗ୍ରାମର ପଣ୍ଡାସାହି ରାସ୍ତା କ୍ଷେତ୍ରରେ। ଏହି ରାସ୍ତା ଉପରେ ବହୁ ଲୋକ ନିର୍ଭର କରୁଥିବାବେଳେ ଆଜିପର୍ଯ୍ୟନ୍ତ ତାହାର ସମ୍ପୂର୍ଣ୍ଣ କରାଯାଇପାରିନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

**ଏମାନେ କ'ଣ କୁହନ୍ତି**

"ଗ୍ରାମ ସଭାରେ ପଞ୍ଚାୟତ ପାଇଁ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯାଇଥିଲେ ନକ୍ସାରେ ଅଙ୍କିତ ରାସ୍ତାଗୁଡ଼ିକ ଅଗ୍ରାଧିକାର ପାଇପାରିଥାନ୍ତା। ମାତ୍ର ଗୋପନୀୟ ଭାବେ ଲୋକ ପ୍ରତିନିଧିମାନେ ରାସ୍ତା ପ୍ରକଳ୍ପ ତାଲିକା ଚୂଡ଼ାନ୍ତ କରୁଥିବାରୁ ଆରମ୍ଭରୁ ଉକ୍ତ ପ୍ରକଳ୍ପଟି ସରକାରୀ କିମ୍ବା ଘରୋଇ ବୋଲି ସହଜରେ ଜଣାପଡୁନାହିଁ। ସେଥିପାଇଁ ବିବାଦ ଦେଖାଦେଇଛି।

**-ପ୍ରତାପ ମଲ୍ଲିକ, ସଭାପତି, କଟକ ସଦର ବ୍ଲକ କଂଗ୍ରେସ**

"ବସ୍ତପଡା ପଣ୍ଡାସାହି ରାସ୍ତାର ଉନ୍ନତି ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଡ଼ିଓ ଏବଂ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଯେବେଠୁ ଦାବି କରାଗଲାଣି ସେହି ବର୍ଷରୁ ଟଙ୍କା ଦିଆଯାଇଥିଲେ କାମ ଶେଷ ହୋଇଯାଇଥାଆନ୍ତା।

**-ଶୁଭେନ୍ଦୁ ପଣ୍ଡା, ଗ୍ରାମବାସୀ, ବସ୍ତପଡ଼ା**

"୨୦୦୮ରୁ ସରପଞ୍ଚମାନେ ଅଗ୍ରାଧିକାର ଭିତ୍ତିରେ ମୁଖ୍ୟ ରାସ୍ତା କାମ କଲେ। ପରେ ସେଗୁଡିକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା। ଏହି ଯୋଜନାରେ ପୁରୁଣା କଂକ୍ରିଟକୁ ଭଙ୍ଗାଯାଇ ନୂଆ ପିଚୁ କାମ କରାଗଲା। ହେଲେ ଦୁରଦୃଷ୍ଟିର ଅଭାବ ଯୋଗୁ ଗ୍ରାମ ରାସ୍ତାଗୁଡିକ ଅବହେଳିତ ଅବସ୍ଥାରେ ରହିଗଲା।

**-ସୁରେଶ ଚନ୍ଦ୍ର ଜେନା, ଗ୍ରାମବାସୀ, ରଘୁନାଥପୁର,**

"ଅରିଲୋ ପଞ୍ଚାୟତରେ ବହୁ ରାସ୍ତା ରହିଛି। ପ୍ରତିବର୍ଷ ସୀମିତ ପାଣ୍ଠିରେ ଅଳ୍ପ ଅଳ୍ପ କାମ ସବୁ ଗ୍ରାମରେ କରାଯାଉଛି। ପଣ୍ଡାସାହି ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଦିଆଯାଇଛି।

**-ଅକ୍ଷୟ କୁମାର ସାହୁ, ସରପଞ୍ଚ, ଅରିଲୋ ପଞ୍ଚାୟତ**



ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସବୁଜ ସୁନ୍ଦର କରିବା ସହ ଅଣ ମୋଟରଚାଳିତ ପରିବହନକୁ ପ୍ରୋତ୍ସାହିତ କରିବା ବାର୍ତ୍ତା ନେଇ ରବିବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍), ପାଣ୍ଟାଲୁନ୍ ଓ ମାଳାବାର ପକ୍ଷରୁ ଅନୁଷ୍ଠିତ ସାଇକ୍ଲୋଥନ୍।

## ଟ୍ରିମ୍‌ସରେ ଫୁଡ୍ ଫେଷ୍ଟିଭାଲ

କଟକ ଅଫିସ, ୧୪।୧୧

କଟକ ଜିଲା ଟାଙ୍ଗୀସ୍ଥିତ ଟ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ଏକାଡେମିକ୍ ବ୍ଲକ -୨ରେ ଫୁଡ୍ ଫେଷ୍ଟିଭାଲ 'ହାଣ୍ଡିଶାଳ' ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଟ୍ରିମ୍‌ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଭିଲ, ମେକାନିକାଲ, କମ୍ପ୍ୟୁଟର ସାଇନ୍ସ, ଇଟିସି, ଟ୍ରିପଲ ଇ ଏବଂ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଛାତ୍ରୀଛାତ୍ର ଯୋଗଦେଇ ହାତ ତିଆରି ଖାଦ୍ୟ ପରଷି ଥିଲେ। ଡ. ରାଜେନ୍ଦ୍ର କୁମାର ଦାସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଉପାଧ୍ୟକ୍ଷ ନୟନ ରଞ୍ଜନ ସାମଲ, ପଦ୍ମିନୀ କେୟାର ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାଧ୍ୟାପିକା ଲୀନା ପଟ୍ଟନାୟକ, ଡ. କ୍ରିଷ୍ଣାପ୍ରଦା ଦାସ ଓ ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## 'ଦେଶ ଗଠନରେ ଆଇନର ଭୂମିକା ରହିଛି'

କଟକ ଅଫିସ,୧୪।୧୧

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ରବିବାର ହାଇକୋର୍ଟ ଆଇନସେବା ଭବନ ଓ ଜୁଡିସିଆଲ ଏକାଡେମୀ ପରିଦର୍ଶନ କରିଥିଲେ। ପ୍ରଥମେ ଡ. ବି.ଆର. ଆମ୍ବେଡକର, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ବି.କେ. ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ମୁଖ୍ୟ ବିଚାରପତିଙ୍କ କୋର୍ଟ ଓ ଚାମ୍ବର ବୁଲିଥିଲେ। ଏହିସମୟରେ ସେମାନେ କୋର୍ଟର ପରିଚାଳନା ଉପରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ, ପମି ରଥ ଓ ଶାଶ୍ୱତ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ପରେ ସେମାନେ ହାଇକୋର୍ଟ ଓକିଲ ସଂଘ ସଦସ୍ୟଙ୍କ ସହିତ ବାର୍ତ୍ତାଳାପ କରିବା ସହ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ନୂତନ କୋଠା ତଥା ଆଇନ ସେବା ଭବନ ଯାଇଥିଲେ। ସେଠାରେ କିପରି ଗରିବ ଲୋକମାନେ ମାଗଣାରେ ଆଇନ ସେବା ପାଇପାରୁଛନ୍ତି, ସେ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଶେଷରେ ଓଡ଼ିଶା ଜୁଡିସିଆଲ ଏକାଡେମୀ ଯାଇ ନ୍ୟାୟିକ ଅଧିକାରୀମାନଙ୍କ ସହ କଥା ହୋଇଥିଲେ। ଦେଶ ଗଠନ ଦିଗରେ ଆଇନ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଇନଜୀବୀ ସମାଜର ବେସାହାରା, ତଳସ୍ତରର ମଣିଷକୁ ନ୍ୟାୟ ପ୍ରଦାନ କରିବାରେ ସକ୍ଷମ ହୋଇଥାଏ ବୋଲି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ। ତେଣୁ ଗରିବ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଛାତ୍ରୀଛାତ୍ରମାନେ ଆଗେଇ ଆସିବାକୁ ସେ ଉତ୍ସାହିତ କରିଥିଲେ।

## ଶିବିରରୁ ୧୪୫ ୟୁନିଟ୍ ରକ୍ତ ସଂଗ୍ରହ

କଟକ ସଦର/ଫୁଲନଖରା, ୧୪।୧୧(ଡି.ଏନ.ଏ.)

କଟକ ସଦର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆୟତପୁରଠାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରତିକାନ୍ତ ଜେନା, ମଳୟ ବିଶ୍ୱାଳ, ପ୍ରମୋଦ ମହାପାତ୍ର, ରଜନୀକାନ୍ତ ସାହୁ, ବିଭୂତି ଭୂଷଣ ପରିଡ଼ା, ହିମାଂଶୁ ଦାସ ଓ ସନ୍ତୋଷ ଜେନା ଶିବିର ପରିଚାଳନା କରିଥିଲେ। ସେହିପରି କଟକ ମହାନଗର ନିଗମ ୫୯ ନଂ. ୱାର୍ଡ କାଚରାମାଳ ଗ୍ରାମର ମା' ରାଉତାଣୀଙ୍କ ପୀଠରେ ଲକ୍ଷେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସ୍ୱାଧୀନଚେତା ମହାନ୍ତି, ଜ୍ଞାନରଞ୍ଜନ ସାହୁ, କିଶୋର ପଟ୍ଟନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁଙ୍କୁ ଠିକ୍ ମାର୍ଗରେ ନିଅନ୍ତୁ ଗୁରୁଜନ

**ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ବାର୍ଷିକ ଉତ୍ସବ**

କଟକ ଅଫିସ,୧୪।୧୧

ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ୨୩ତମ ବାର୍ଷିକ ଉତ୍ସବ କଟକ ତୁଳସୀପୁର ପୋଲିସ କଲୋନୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରଶ୍ମି ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡିଜିପି ଅଭୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ ପରିବାର କଲ୍ୟାଣ କେନ୍ଦ୍ରଗୁଡିକର କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଅଗ୍ନିଶମ ଡିଜି ଏମ୍. ଅକ୍ଷୟ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା ଯୋଗଦେଇ ସମାଜ ପ୍ରତି କ୍ଲବର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଡିଜିପି(ଆଇନଶୃଙ୍ଖଳା) ଆର. କେ. ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ଉନ୍ନତିରେ ଦେଶର ଉନ୍ନତି ନିର୍ଭର କରୁଛି। ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ପିତାମାତା, ଶିକ୍ଷକ ଓ ଗୁରୁଜନମାନେ ଶିଶୁମାନଙ୍କୁ ଠିକ୍ ମାର୍ଗରେ ନେବାକୁ ସେ ପରାମର୍ଶ ଦେଇଥିଲେ। ପରିବାର କଲ୍ୟାଣ କେନ୍ଦ୍ରର ସମ୍ପାଦିକା ସବିତା ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଭ୍ୟା, ବରିଷ୍ଠ ପୋଲିସ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୋଷାଧ୍ୟକ୍ଷା ଅନୁରାଧା ସିଙ୍ଗରାଜୁ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ପ୍ରସନଜିତ୍


@ ରାଜେଶ


@ ସ୍ନେହାଶିଷ


@ ଲକି


@ ଅଜିତ୍


@ ବିଜୟ

## 'ରାଜ୍ୟରେ ବ୍ୟାପକ ହେବ ଅଙ୍ଗଦାନ କାର୍ଯ୍ୟକ୍ରମ'

କଟକ ଅଫିସ, ୧୪।୧୧

ଓଡ଼ିଶା ମୋ ପରିବାର ଏବଂ ଇନର ହୁଇଲ କ୍ଲବ କଟକ ମିଡ୍‌ଟାଉନ ପକ୍ଷରୁ ଅଙ୍ଗଦାନ ଓ ରକ୍ତଦାନ ଶିବିର ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଯୋଗଦେଇ କଟକରେ ଅଙ୍ଗଦାନ କାର୍ଯ୍ୟକ୍ରମ ପ୍ରଥମ ଥର କରାଯାଇଛି। ଆଗାମୀ ଦିନରେ କଟକ ସମେତ ସାରା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମ ଓଡ଼ିଶା ମୋ ପରିବାର ପକ୍ଷରୁ ବ୍ୟାପକ କରାଯିବ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଅଙ୍ଗଦାନ ନିମନ୍ତେ ସ୍ୱାକ୍ଷରିତ କରିଥିଲେ। ସେହିପରି ସାମନ୍ତରାୟଙ୍କ ସମେତ ୬୧ ଜଣ ଅଙ୍ଗଦାନ କରିବାକୁ ସ୍ୱାକ୍ଷରିତ କରିଥିବା ବେଳେ ରକ୍ତଦାନ ଶିବିରରୁ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଅଙ୍ଗଦାନ କାର୍ଯ୍ୟକ୍ରମର ମୁଖ୍ୟ ପ୍ରଭାସ ଆଚାର୍ଯ୍ୟ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁ, ଇନର ହୁଇଲର ସଭାପତି ନମିତା କାନୁନ୍‌ଗୋ, ବିଶ୍ୱଜିତ୍ ମହାନ୍ତି, ଆଇନଜୀବୀ ମିଲନ୍ କାନୁନଗୋ, ସୁଭ୍ରାଂଶୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୋ ପରିବାର କଟକ ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳନା ହୋଇଥିଲା।


ଟ୍ରେଜର ହଣ୍ଟ ଅନୁଷ୍ଠାନ ପକ୍ଷରୁ ଅଙ୍ଗଦାନ ଓ ଜନସଚେତନତା ନେଇ ରବିବାର କଟକ ମିଶନ ରୋଡସ୍ଥିତ ୟୁନିୟନ କ୍ଲବ ପରିସରରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।



ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଜିଲା କୋର୍ଟ ପରିସରରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି।

**ଶିଶୁଙ୍କ ପାଇଁ ଦିନଟିଏ**

କଟକ ଅଫିସ: ଶିଶୁ ଦିବସ ଅବସରରେ ଟ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମରେ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରତ୍ୟେକ ଶିଶୁ ଅମୃତର ସନ୍ତାନ, ତାଙ୍କୁ ଭଲ ମଣିଷ କରି ଗଢ଼ିତୋଳିବା ସମସ୍ତଙ୍କର ଦାୟିତ୍ୱ। ଏହି ଅବସରରେ ଛାତ୍ରୀଛାତ୍ର ଓ ଅଧାପିକାଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷିତ ହୋଇଥିଲା। ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଉପାଧକ୍ଷ ଡ. ନୟନ ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ କାବୁବେଳେ ପୋଲିସ ହଟହଟା

**କଣ୍ଟାପଡା,୧୪।୧୧(ଡି.ଏନ୍.ଏ.):** ସାଦା ପୋଷାକରେ ଆସି ଜଣେ ଅଭିଯୁକ୍ତଙ୍କୁ କାବୁ କରିବାବେଳେ ବାଲିପାଟଣା ପୋଲିସକୁ ହଟହଟା ହେବାକୁ ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲିପାଟଣା ଥାନାରେ ରୁଜୁ ହୋଇଥିବା ଏକ ମାମଲାର ଅଭିଯୁକ୍ତ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣବାଟି ଗ୍ରାମର ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ଖବରପାଇ ବାଲିପାଟଣା ଆଇଆଇସି କୃପାସିନ୍ଧୁ ବରାଡ ଓ ଅନ୍ୟ କର୍ମଚାରୀ ସାଦା ପୋଷାକରେ ବ୍ରାହ୍ମଣବାଟି ଗ୍ରାମରେ ପହଞ୍ଚି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ସେ ଚିତ୍କାର କରିବାରୁ ସେହି ଗ୍ରାମର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଦା ପୋଷାକରେ ଥିବା ପୋଲିସକୁ ଜାଣି ନ ପାରି ସେମାନଙ୍କଠାରୁ ଅଭିଯୁକ୍ତଙ୍କୁ ଛଡାଇ ନେଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ବାଲିପାଟଣା ପୋଲିସଠାରୁ ଖବରପାଇ ଗୋବିନ୍ଦପୁର ଥାନା ଆଇଆଇସି ଅନାମ ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ସମ୍ପୃକ୍ତ ଯୁବକମାନେ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି।

### ଦୋକାନରୁ ଚୋରି

**ତିଗିରିଆ,୧୪।୧୧(ଡି.ଏନ୍.ଏ.):** ତିଗିରିଆ ଥାନା ଅନ୍ତର୍ଗତ ନିଜିଗଡ ଗୋହିରମୁଣ୍ଡ ଛକ ନିକଟସ୍ଥ ଏକ ଇଲେକ୍ଟ୍ରୋନିକ ଦୋକାନରୁ ଶନିବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଦୋକାନରୁ ୬୦ ହଜାର ଟଙ୍କା ସହ ସିସିଟିଭି କ୍ୟାମେରା ଓ ହାର୍ଡ ଡିସ୍କ ଭାଙ୍ଗି ନେଇଯାଇଛନ୍ତି ବୋଲି ଦୋକାନ ମାଲିକ ମାନସରଞ୍ଜନ ସାହୁ ରବିବାର ପୋଲିସରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୬୯/୨୧) ରୁଜୁ ହୋଇଛି।

### ବୌଦ୍ଧ ଶ୍ରମଣ ସଂସ୍କାର ଉତ୍ସବ ପାଳିତ

**ତିଗିରିଆ,୧୪।୧୧(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁରସ୍ଥିତ ବୁଦ୍ଧଜୟନ୍ତୀପୁର ବୌଦ୍ଧ ବିହାରରେ ରବିବାର ଓଡିଶା ଯୁବ ବୌଦ୍ଧ ସଂଗଠନ ପକ୍ଷରୁ ଶ୍ରମଣ ସଂସ୍କାର ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବୁଦ୍ଧଜୟନ୍ତୀପୁରର ସୁଦାମ ବର୍ଦ୍ଧନଙ୍କ ପୁଅ ଅଂଶୁମାନ ବର୍ଦ୍ଧନ(୫)ଙ୍କୁ ବାଙ୍ଗାଲୋର ମହାବୋଧି ସୋସାଇଟିର ଭିକ୍ଷୁ ବୁଦ୍ଧଦତ୍ତ ଶ୍ରମଣ କରାଇଥିଲେ। ପରେ ଅଂଶୁମାନଙ୍କ ନାମ ବୁଦ୍ଧରତ୍ନ ରଖାଯାଇଥଲା । କାର୍ଯ୍ୟକ୍ରମରେ ମାଣିଆବାନ୍ଧ, ରଗଡି, ମହମ୍ମଦପୁର, ନୂଆପାଟଣାର ବୁଦ୍ଧ ଉପାସିକା ଓ ଉପାସକ ଉପସ୍ଥିତ ଥିଲେ ।

### ସମବାୟ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା

**ବାଙ୍କୀ,୧୪।୧୧(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ବୈଦେଶ୍ୱରଠାରେ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ୯୮ ପ୍ୟାକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ ) ରବିବାର ଏକ ଖବରଦାତା ସମ୍ମିଳନୀ ଡାକି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଘୋଷଣା କରିଛନ୍ତି। ୫ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ପଦ୍ମନାଭ ଘଡେଇ କହିଛନ୍ତି। ଦାବିଗୁଡ଼ିକ ମଧରେ ନୂତନ ସିଇଓ ପଦବୀ ନିଯୁକ୍ତି ଘୋଷଣା ପ୍ରତ୍ୟାହାର କରିବା, ଦୀର୍ଘ ବର୍ଷ ଧରି କାମ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ କରିବା ଆଦି ପ୍ରମୁଖ । ଏନେଇ ୭ ନଭେମ୍ବରରୁ ୧୩ ପର୍ଯ୍ୟନ୍ତ ସେବା ସମବାୟ ସମିତିରେ କାର୍ଯ୍ୟରତ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟାଳୟରେ କାମ କରିଥିଲେ। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇ ନଥିଲେ।

# ଯୁବକଙ୍କୁ ଆକ୍ରମଣ, ଖଣ୍ଡା ଧରି ଆତଙ୍କ

**ପୁରୀ ଅଫିସ, ୧୪।୧୧**





ଭୁବନେଶ୍ୱର, କଟକ ଓ ବଲାଙ୍ଗୀର ପରେ ଏବେ ପର୍ଯ୍ୟଟନ ସହର ପୁରୀରେ ଅମାନିଆ ଯୁବଗୋଷ୍ଠୀ ଆତଙ୍କ ଖେଳାଇଛନ୍ତି। ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ପୁରୀ ଜିଲାରେ ଏଭଳି ୫ଟି ଭିଡିଓ ସାମ୍ନାକୁ ଆସିଛି। ଶନିବାର ରାତିରେ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ଯୁବକ ୪ଜଣଙ୍କ ଉପସ୍ଥିତିରେ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଏହା ପୁରୀ ଚନ୍ଦନପୁର ଅଞ୍ଚଳର ଘଟଣା ବୋଲି କୁହାଯାଉଛି। ସେହିପରି ଆଉଜଣେ ଯୁବକ ତାଙ୍କ ଫେସ୍‌ବୁକ୍ ଷ୍ଟାଟସ୍‌ରେ ଖଣ୍ଡା ଧରି ଫଟୋ ପୋଷ୍ଟ କରିଛନ୍ତି। ଏହା ସାଧାରଣରେ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ଚର୍ଚ୍ଚା ଜୋର ଧରିବା ପରେ ଏସ୍‌ପି କନ୍‌ୱର ବିଶାଲ ସିଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁରୀରେ କୌଣସି ପ୍ରକାର ଆପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

- ସାମ୍ନାକୁ ଆସିଲାଣି ୫ ଘଟଣା
- ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ଅନେକ ଯୁବକ ବିଭିନ୍ନ କାରଣରୁ ବିପଥଗାମୀ ହୋଇ ଅପରାଧ ଦୁନିଆରେ ପାଦ ଦେବା ସହ ନିଜ ପତିଆରା ଜାହିର ପାଇଁ ସୋସିଆଲ ମିଡିଆକୁ ବ୍ୟବହାର କରୁଛନ୍ତି। ବିଶେଷକରି ସେମାନେ ଭୟ ଦେଖାଇ ଅର୍ଥ ଉପାର୍ଜନ କରିବା ପାଇଁ ଏଭଳି ଉପାୟ ଆପଣାଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏସ୍‌ପି ସିଂ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୫ଟି ଭିଡିଓ ଭାଇରାଲ ହୋଇଥିବା ପୋଲିସ ନଜରକୁ ଆସିଛି। ଏ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏପରି ଭିଡିଓ କରିବାରୁ ଯୁବତୀ ଯୁବକ ଦୂରେଇ ରହି ନିଜ ପାଠପଢ଼ା ଓ କ୍ୟାରିୟର ପ୍ରତି ମନୋନିବେଶ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସେହିପରି ଗତ କିଛି ମାସ ହେଲା ପୁରୀ ପୋଲିସ ବେଆଇନ ନିଶା କାରବାର, ଦାଦାବଟି ଆଦାୟକାରୀ ଏବଂ ବିଭିନ୍ନ ଆପରାଧିକ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛି ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ କ୍ଷେତ୍ର। ସାରା ବିଶ୍ୱରୁ ଲୋକେ ଏଠାକୁ ଆସିଥାନ୍ତି। ତେଣୁ ପୋଲିସ ପ୍ରଶାସନ ସର୍ବଦା ସଜାଗ ରହିବା ଆବଶ୍ୟକ। ଏହି ଘଟଣା ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ୨ ଯୁବକଙ୍କୁ କାଉନସେଲିଂ କରି ଛାଡ଼ିଲା ପୋଲିସ

ଆକ୍ରମଣ ଓ ଖଣ୍ଡା ଧରି ଫଟୋ ଉଠାଇବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ଘଟଣାରେ ରବିବାର ସନ୍ଧ୍ୟାରେ ପୁରୀ ପୋଲିସ ଦୁଇଜଣ ଯୁବକଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଉଭୟ ଯୁବକଙ୍କୁ କାଉନସେଲିଂ କରିବା ପରେ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇ ପୋଲିସ ଛାଡ଼ି ଦେଇଛି। ସମ୍ପୃକ୍ତ ଯୁବକ ଦ୍ୱୟ ହେଲେ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବେଲଦଳ ଅଞ୍ଚଳର ସତ୍ୟଜିତ ପ୍ରଧାନ (୧୯) ଏବଂ ଚନ୍ଦନପୁର ଥାନା ତଳଜଙ୍ଗ ଅଞ୍ଚଳର ବାପି ପ୍ରଧାନ (୨୫)। ତେବେ ଦୁହେଁ କୌଣସି ପ୍ରକାର ଆପରାଧିକ କାର୍ଯ୍ୟ ଉଦ୍ଦେଶ୍ୟରେ ଏଭଳି ଭିଡିଓ କରି ନ ଥିବା କହିଛନ୍ତି। ସଦର ଏସ୍‌ଡିପିଓ କେ.ସି. ମୁଣ୍ଡ ସେମାନଙ୍କୁ ସୋସିଆଲ ମିଡିଆର ଉଚିତ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଦୁହେଁ ପୋଲିସକୁ ପ୍ରତିଶ୍ରୁତି ଦେବା ପରେ ପୋଲିସ ସେମାନଙ୍କୁ ଛାଡ଼ିଛି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଦୁଇଟି ଫୋନ୍ ନମ୍ବର ଜାରି କରାଯାଇଛି। ଏଭଳି କୌଣସି ଘଟଣା ନଜରକୁ ଆସିଲେ ଉକ୍ତ ନମ୍ବରରେ ଜଣାଇବା ପାଇଁ କୁହାଯାଇଛି।

### ମଦ, ଗଞ୍ଜେଇ ଜବତ: ୫ ଗିରଫ

**ଆଠଗଡ଼/ବାଙ୍କୀ, ୧୪।୧୧(ସ୍ୱ.ପ୍ର.)**

କଟକ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଆଠଗଡ଼ ଥାନା ପଛରେ ଥିବା କୈବର୍ତ୍ତ ସାହିର ଏକ କ୍ୟାବିନରୁ ରବିବାର ୨୧ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ଲିଙ୍ଗରାଜ ବେହେରା (୪୫)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ବାଙ୍କୀରେ ଅବକାରୀ ଅଧିକାରୀ ତେଲେସ୍ୱର ଲାକ୍ରାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୨୨ ଲିଟର ଚୋରା ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ପଥପୁର ଗ୍ରାମର ପ୍ରତାପ ଗୋଛାୟତ, ବିଶ୍ୱନାଥ ଗୋଛାୟତ, କିଆପଳାର କୁଳମଣି ପଲେଇ ଓ ପଥୁରିପଡା ଗ୍ରାମର ସୁସ୍ମିତା ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଯଥାକ୍ରମେ ୫୨, ୬୦, ୫୫, ୫୫ ଲିଟର ଚୋରାମଦ ଜବତ କରାଯାଇଛି।

### କୁସୁପଙ୍ଗି କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ଡିଏମ୍‌ସିସି ବିଜୟୀ

**ବାଙ୍କୀ,୧୪।୧୧(ସ୍ୱ.ପ୍ର.)**

ଡମପଡା ବ୍ଲକର କୁସୁପଙ୍ଗି ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ବାଙ୍କୀ ଡିଏମ୍‌ସିସି ବିଜୟୀ ହୋଇଛି। ୪ ଦିନ ବ୍ୟାପୀ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଡିଏମ୍‌ସିସି ଓ ପଥପୁର ବିବିସିସି ମଧରେ ହୋଇଥିଲା। ଟସ୍ ଜିତି ବିବିସିସି ୧୦ ଓଭରରେ ୭୬ ରନ ସଂଗ୍ରହ କରିଥିଲା। ଜବାବରେ ଡିଏମ୍‌ସିସି ୭ ଓଭରରେ ୭୭ରନ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ବିଜୁ ଯୁବ ଜନତା ଦଳ ସଭାପତି ଭାଗୀରଥି ପାଣି ଓ ପୂର୍ବତନ ସଭାପତି ଅସିତ କୁମାର ଜେନା ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ତୃତୀୟ ଶ୍ରେଣୀର ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀର ପାଠକ ହେବା ଭଲ

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**

ଭୁବନେଶ୍ୱର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରି 'ତୃତୀୟ ଶ୍ରେଣୀର ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀର ପାଠକ ହେବା ଭଲ' ବୋଲି କହିଥିଲେ। ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର, ସାରଳା ଭାଷା ସାହିତ୍ୟ ଏବଂ ପୁରାତତ୍ତ୍ୱ ଗବେଷଣା ନ୍ୟାସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ସାରଳା ଦାସଙ୍କଠାରୁ ରାଧାନାଥଙ୍କ ବାଟ ଦେଇ ସଚ୍ଚି ରାଉତରାୟ ଓ ତା' ପରବର୍ତ୍ତୀ କାବ୍ୟ କବିତାରେ କିପରି ଓଡ଼ିଆ କାବ୍ୟ ଭାଷାର ବିବର୍ତ୍ତିତ ହୋଇଛି ସେ ନେଇ ତାତ୍ତ୍ୱିକ ଆଲୋଚନା କରିଥିଲେ। ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ.ଶତ୍ରୁଘ୍ନ ପାଣ୍ଡବ ଓ ଉଚ୍ଚଶିକ୍ଷା ବିଭାଗ ଉପ ସଚିବ ଡ.ରମେଶ ଚନ୍ଦ୍ର ବେହେରା। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ କାନାଡାରୁ ଆସିଥିବା ବିଦ୍ୟା ପ୍ରକାଶନର ମୁଖ୍ୟ ପ୍ରଫେସର ତନ୍ମୟ ପଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାରଳା ଭାଷା, ସାହିତ୍ୟ ଓ ଗବେଷଣା ନ୍ୟାସର ସମ୍ପାଦକ ଅଜିତ ଦାଶ ପ୍ରାରମ୍ଭିକ ସୂଚନା ଓ ପ୍ରଫେସର ବସନ୍ତ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ବୈଷୟିକ ଅଧିବେଶନରେ ଓଡ଼ିଆ କାବ୍ୟ ଭାଷା ସମ୍ପର୍କରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ଜ୍ଞାନୀ ଦେବାଶିଷ ମିଶ୍ର, ଡ.ଦେବାଶିଷ ମହାପାତ୍ର, ପ୍ରଫେସର ସନ୍ତୋଷ ରଥ, ଡ.ସୁନୀଲ ରଥ, ଡ.ବୈଜୟନ୍ତୀ ନାୟକ ଓ ସୋମନାଥ ବିଶୋୟୀ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ କବି ପ୍ରଦୀପ ବିଶ୍ୱାଳ ଓ କବି ଡ.ଦିଲୀପ କୁମାର ସ୍ୱାଇଁ ଯୋଗଦେଇଥିଲେ। ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କବି ଡ.ପ୍ରସନ୍ନ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ।




ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନରେ ଉପସ୍ଥିତ ଅତିଥିମାନେ।

# ଜବତ ବାଇକ, ସାଇକେଲ ମାଲିକଙ୍କୁ ଫେରାଇଲା ପୋଲିସ

**କଟକ ଅଫିସ,୧୪।୧୧**

କଟକ କମିଶନରେଟ୍ ପୋଲିସ ପକ୍ଷରୁ ଜବତ ଗାଡିଗୁଡିକ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି। ଏ ନେଇ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଏକ ମେଳା ରବିବାର ଆୟୋଜନ କରାଯାଇଥିଲା। ଏଥିରେ ୩୭ ବାଇକ ଓ ୭ଟି ସାଇକେଲ ଫେରସ୍ତ କରାଯାଇଥିବା ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। କମିଶନରେଟ୍ ପୋଲିସ ବାଇକ ଚୋରି ର୍ୟାକେଟର ରହସ୍ୟ ଉନ୍ମୋଚନ କରିବା ସହ ଚୋରି ବାଇକ୍ ଜବତ କରୁଛି। ତଦନୁଯାୟୀ, କଟକର ବିଭିନ୍ନ ଥାନା ଅଞ୍ଚଳରୁ ଜବତ ହୋଇଥିବା ଗାଡିକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଡିସିପି, ଏସିପି ଓ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ।




ଓଏସ୍‌ଏସ୍‌ଟିଇଟି ଏବଂ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଆଶାୟୀ ଶିକ୍ଷକମାନଙ୍କୁ ଉଚ୍ଚବିଦ୍ୟାଳୟରେ ନିଯୁକ୍ତି ଦାବି କରି ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ଧାରଣା।

# ଅଭିଯୁକ୍ତଙ୍କ ଘରୁ ପୁଣି ମିଳିଲା ମାରଣାସ୍ତ୍ର

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**



**କେବିଏନ୍ ଗ୍ୟାଙ୍ଗର ୫ ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା**

- ଖେଳଣା ବନ୍ଧୁକ, ଖଣ୍ଡା, ଭୁଜାଲି, ବାଇକ୍ କ୍ରାଙ୍କ୍ ଜବତ
- ଜେରାରୁ ପୋଲିସ ପାଇଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ
- ମାଷ୍ଟରମାଇଣ୍ଡ୍ ବୁବୁଙ୍କ ପତ୍ତା ପାଉନି

ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିଥିବା କେବିଏନ୍ ଗ୍ୟାଙ୍ଗ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରୁଛି କମିଶନରେଟ ପୋଲିସ। ଶନିବାରଠାରୁ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ପୋଲିସ ମାରଥନ୍ ଜେରା କରିଥିଲା। ଅଭିଯୁକ୍ତ ରାହୁଲ ଜେନା, ରାଜେଶ ବେହେରା ଓରଫ ଚେଙ୍ଗ, ସୁମନ କୁମାର ପରିଡ଼ା, ସନାତନ ବେହେରା ଓରଫ ସନିଆ ଓ ନରେନ୍ଦ୍ର କୁମାର ଜେନାଙ୍କୁ ପୃଥକ ଭାବେ ପଚରାଉଚରା କରାଇଥିଲା। ସେମାନଙ୍କ ବୟାନ ଆଧାରଣରେ ରବିବାର ପୁଣି ୨ଟି ଖେଳନା ବନ୍ଧୁକ, ଗୋଟିଏ ବାଇକ୍ କ୍ରାଙ୍କ୍, ୨ଟି ଖଣ୍ଡା, ଗୋଟିଏ ଭୁଜାଲି ଜବତ ହୋଇଛି। ପୂର୍ବରୁ କେବିଏନ୍ ଗ୍ୟାଙ୍ଗରେ ୨୯ଜଣ ସଦସ୍ୟ ଥିବା ପୋଲିସ କହିଥିଲା। ହେଲେ ଏବେ ଉକ୍ତ ଗ୍ୟାଙ୍ଗରେ ୩୦ଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ଗ୍ୟାଙ୍ଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ହାସଲ କରିଥିଲେ ମଧ ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୁବୁ ଜେନାଙ୍କ ସମ୍ପର୍କରେ ଏଯାବତ୍ ସାମାନ୍ୟତମ ସୂଚନା ମିଳିପାରୁ ନାହିଁ। ତେବେ ଏମାନେ ଯେଉଁ ବନ୍ଧୁକ ଧରି ଭିଡିଓ ଭାଇରାଲ କରିଥିଲେ ତାହା ଖେଳନା ବୋଲି ପୋଲିସ ସ୍ପଷ୍ଟ କରିଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇ ବିଭିନ୍ନ ତଥ୍ୟ ହାସଲ କରାଯାଇଛି। ତାଙ୍କ ସାଙ୍ଗରେ କିଏ କିଏ ରହୁଥିଲେ, ସେମାନେ କେଉଁଠି ବସି ଖଟି କରୁଥିଲେ, ଭିଡିଓ ଶୁଟିଂ ଓ ଏଡିଟିଂ କେମିତି କରିଛନ୍ତି, ସୋସିଆଲ୍ ମିଡିଆରେ ଅପଲୋଡ୍ କିଏ କରିଛି, ସେମାନଙ୍କୁ ଜେରାବେଳେ ଏଭଳି ବିଭିନ୍ନ ତଥ୍ୟ ଆମେ ସଂଗ୍ରହ କରିଛୁ। ସେମାନେ ଦେଖେଇ ହୋଇ ଜନସାଧାରଣଙ୍କୁ ଭୟଭୀତ କରୁଥିଲେ। ତେବେ ଆଉ ଯେଉଁ ସଦସ୍ୟଙ୍କ ଘରେ ମାରଣାସ୍ତ୍ର ରହିଛି ସେସବୁକୁ ଜବତ କରାଯିବ। ଆବଶ୍ୟକ ପଡିଲେ ଏମାନଙ୍କୁ ପୁନର୍ବାର ରିମାଣ୍ଡରେ ଆଣାଯିବ। ଗ୍ୟାଙ୍ଗର ଫେରାର ସଦସ୍ୟଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା ଚାଲିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଷ୍ଟରମାଇଣ୍ଡ ବୁବୁଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ରାଜଧାନୀରେ କେବିଏନ୍ ଗ୍ୟାଙ୍ଗ ମୁଣ୍ଡ ଟେକିଥିଲା। ସେମାନେ ଅପରାଧ ଘଟାଇବା ସହ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାକୁ ଖଣ୍ଡା, ଭୁଜାଲି ବୁଲାଇ ଗୁଳି ଫୁଟାଇ ଭିଡ଼ିଓକୁ ଭାଇରାଲ କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଥିଲେ। ଲୁଟ୍‌ପାଟ କରିବା ସହ ଦାଦାବଟି ମଧ ମାଗିବା ଆରମ୍ଭ କରିଥିଲେ। ଏୟାରପୋର୍ଟ ଥାନା ପୋଖରୀପୁଟ ଅଞ୍ଚଳରେ ଅଭିଯୁକ୍ତ ଚେଙ୍ଗ ରହୁଥିବା ଘର ଭାଙ୍ଗି ପୋଲିସ ଏକ ଖଣ୍ଡା ଜବତ କରିଥିଲା। ତା'ପର ଦିନ ବୁବୁଙ୍କ ଘରେ ମଧ ପୋଲିସ ଚଢାଉ କରିଥିଲା। ଚେଙ୍ଗ ଓ ସନିଆ ଭୟଭୀତ ହୋଇ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଥିଲେ।

### ଚୁକ୍ତିଭିତ୍ତିକ ଅଧାପକଙ୍କୁ ନିୟମିତ କରାଯାଉ

**ଫୁଲନଖରା,୧୪।୧୧(ଡି.ଏନ.ଏ.)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୪ ନଂ. ୱାର୍ଡ ସ୍ଥିତ ନଖରା ଗ୍ରାମର ବିଶ୍ୱକେଶନ ଭବନରେ ରବିବାର ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ଏବଂ ଚୁକ୍ତିଭିତ୍ତିକ ଅଧାପକ ଓ କର୍ମଚାରୀ ସମନ୍ୱୟ ସମିତିର ମିଳିତ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଯୁଧିଷ୍ଠିର ଖଟୁଆ ସଭାପତିତ୍ୱ କରିଥିଲେ। ରାଜ୍ୟର ଅନୁଦାନପ୍ରାପ୍ତ କଲେଜଗୁଡିକରେ ୨୦୨୦ ଡିସେମ୍ବରରେ ନିଯୁକ୍ତି ପାଇଥିବା ସମସ୍ତ ଅଧାପକ ଓ କର୍ମଚାରୀଙ୍କ ଚାକିରି ନିୟମିତ କରିବା ଏବଂ ଅନୁଦାନରୁ ବଞ୍ଚିତ ଅଧାପକମାନଙ୍କୁ ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଥିଲା। ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଅଧାପକମାନଙ୍କୁ ନିୟମିତ କରିବା ପାଇଁ ଖଟୁଆ ଦାବି କରିଥିଲେ। ଏହି ବୈଠକରେ ସଂଘ ସାଧାରଣ ସମ୍ପାଦକ ବ୍ରଜକିଶୋର ନାୟକ, କୁଳମଣି ମିଶ୍ର, ସଦର ପ୍ରେସ୍ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରତାପ କେଶରୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମିତି ଆବାହକ ପୁଣ୍ୟ ଦର୍ଶନ ସାହୁ ଦାବିଗୁଡିକ ଉପସ୍ଥାପନ କରିଥିଲେ। ଶିକ୍ଷାବିତ୍ କୁସୁମ କୁମାରୀ ସାହୁ, ଖବରଦାତା ରମେଶ ଚନ୍ଦ୍ର ପ୍ରଧାନ, ଅଧାପକ ରାଜେଶ ପ୍ରତିହାରୀ, ନିବେଦିତା ରାଉତରାୟ, ରବୀନ୍ଦ୍ର ସାମନ୍ତରାୟ,ରଶ୍ମିତା ଖଣ୍ଡେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଜୟନ୍ତୀରେ ରବିବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ବିଶ୍ୱ ଡାଇବେଟିସ୍ ଦିବସ ଉପଲକ୍ଷେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ରବିବାର ଅନୁଷ୍ଠିତ ସଚେତନତା ପଦଯାତ୍ରା ।




ଶିଶୁ ଦିବସ ଉପଲକ୍ଷେ ପୁରୀ ଜିଲା ନିମାପଡ଼ାଠାରେ ଅନୁଷ୍ଠିତ ୫ମ ପ୍ରତିଭା ଅନ୍ୱେଷଣ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

## ସଂକ୍ଷେପରେ

### ବୋମା ଫୁଟି ୨ ଶ୍ରମିକ ଆହତ

**ନିରାକାରପୁର,୧୪।୧୧(ଡି.ଏନ୍.ଏ.):** ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଠାରୁ କନ୍ଦଲଟାଙ୍ଗୀ ମଧ୍ୟରେ ଥିବା ନୂଆ ଜଗନ୍ନାଥ ସଡକର ରାସ୍ତା ସମ୍ପ୍ରସାରଣ ପାଇଁ ସଫେଇ କରାଯାଉଛି। ରବିବାର କନ୍ଦଲଟାଙ୍ଗୀ ନିକଟରେ ଶ୍ରମିକମାନେ ରାସ୍ତା ପାର୍ଶ୍ୱ ସଫା କରୁଥିବା ବେଳେ ସେଠାରେ ପଡିଥିବା ବୋମା ଫୁଟି ୨ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଆହତ ଶ୍ରମିକଙ୍କ ପରିଚୟ ମିଳିପାରି ନାହିଁ। ତେବେ ଏଠାକୁ ବୋମା କିପରି ଆସିଲା, କ'ଣ ପାଇଁ କିଏ ଆଣିଥିଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ କର୍ମଚାରୀଙ୍କୁ ପଠାଇଥିଲି। ତେବେ କାର୍ଯ୍ୟରେ ବ୍ୟସ୍ତତା ଯୋଗୁ ଯାଇପାରି ନ ଥିଲି। ସୋମବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବି।

### ଦୁର୍ଘଟଣା: ବାଇକ୍ ଚାଳକ ମୃତ

**ବ୍ରହ୍ମଗିରି,୧୪।୧୧(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାର ଦାମୋଦରପୁର ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛଇତନା ଅଞ୍ଚଳର ରମାକାନ୍ତ ସାହୁ। ସୂଚନା ମୁତାବକ, ରମାକାନ୍ତ ବାଇକରେ ବ୍ରହ୍ମଗିରି ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ଟ୍ରାକ୍ଟର ସହ ମହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରମାକାନ୍ତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ମହିମା ଆଶ୍ରମରେ ବାର୍ଷିକ ମହୋତ୍ସବ

**ବାରଙ୍ଗ,୧୪।୧୧(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଇଞ୍ଚଣା ପଞ୍ଚାୟତର ଇଞ୍ଚଣା ଗ୍ରାମସ୍ଥିତ ଅଲେଖ ମହିମା ଅଶ୍ରମରେ ବାର୍ଷିକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବଧୁତମାନେ ଯୋଗଦେଇ ଅଖଣ୍ଡ ଝାଡ ଜାଳିବା ସହ ମଙ୍ଗଳ କାମନା କରିଥିଲେ। ଅପରାହ୍ନରେ ସାଧୁମାନେ କୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ଭିକ୍ଷା ଗ୍ରହଣ କରିଥିଲେ। ସନ୍ଧ୍ୟାରେ ନାମ ପରିବେଷଣ ହୋଇଥିଲା। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ଆଖପାଖ ଗ୍ରାମର ମୁରବି ଓ ମହିମାଧର୍ମୀଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ପୂଜାସାମଗ୍ରୀ ପ୍ରଦାନ କରିଥିଲେ।

### ଭାଜପାର ସାଙ୍ଗଠନିକ ବୈଠକ

**କୃଷ୍ଣପ୍ରସାଦ,୧୪।୧୧(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତରେ ରବିବାର ଭାଜପାର ସାଙ୍ଗଠନିକ ବୈଠକ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବାସ ଚନ୍ଦ୍ର ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, କୁମାର ସିଂହ, ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, ଜଗତେଶ୍ୱର ପ୍ରଧାନ, ରାମଚନ୍ଦ୍ର ସେଠୀ, ସୁବାସ ଚନ୍ଦ୍ର ସ୍ୱାଇଁ, ରାଜ କିଶୋର ଦଣ୍ଡସେଣା, ରାମଚନ୍ଦ୍ର ଗୁରୁ, ନାଲୁ ପାହାଣ, ଶରତ ଚନ୍ଦ୍ର ପାହାଣ, ସୀମାଞ୍ଚଳ ନାୟକ, ଅଭିରାମ ସିଂହ, ମିଟୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ସଭାପତିଭାବେ ହରମୋହନ ମାନସିଂହ, ସମ୍ପାଦକ ପ୍ରିୟବ୍ରତ ସିଂହସାମନ୍ତ, ଉପସଭାପତି ସୁବ୍ରତ ପଣ୍ଡା, କୋଷାଧ୍ୟକ୍ଷ ଭାବେ ସୀମାଞ୍ଚଳ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ

**ପୁରୀ ଅଫିସ,୧୪।୧୧**

**ଆଜିଠୁ ଶ୍ରେଣୀଗୃହରେ ୬ଷ୍ଠ, ୭ମ ପାଠପଢ଼ା**

କରୋନା କଟକଣା ମଧ୍ୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସୋମବାରଠାରୁ ବିଦ୍ୟାଳୟ ଖୋଲୁଛି। ପ୍ରାୟ ଦେଢବର୍ଷର ବ୍ୟବଧାନ ପରେ ଉକ୍ତ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯାଇ ଶ୍ରେଣୀଗୃହରେ ପାଠ ପଢିବେ। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ପିଲାଙ୍କୁ ସ୍କୁଲ ଛାଡ଼ିବା ନେଇ ଅଭିଭାବକ ଆଗ୍ରହୀ ଥିଲେ ମଧ୍ୟ ସେମାନଙ୍କର ଟିକାକରଣ ହୋଇ ନ ଥିବାରୁ ଚିନ୍ତାରେ ଅଛନ୍ତି।

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ଗୁଡ଼ିକରେ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇସାରିଛି। ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧି ବିଦ୍ୟାଳୟ ଆସିବେ। ମାସ୍କ ନ ଥିଲେ ମାସ୍କ ଯୋଗାଇ ଦିଆଯିବ। ସେହିଭଳି ସାମାଜିକ ଦୂରତା, ବିଶୋଧନ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ କେତେକ ବିଦ୍ୟାଳୟରେ ୫-ଟି ଅନ୍ତର୍ଗତ ଉନ୍ନୟନ କାର୍ଯ୍ୟ ଚାଲୁଥିବାରୁ ଛାତ୍ରୀଛାତ୍ରଙ୍କୁ ବସାଇବାରେ ସମସ୍ୟା ହୋଇପାରେ। ମାତ୍ର ଅଧିକାଂଶ ସ୍କୁଲରେ ପିଲାଙ୍କ ବସିବା ଓ ପଢିବା ପାଇଁ ସ୍ଥାନ ରହିଛି। ସେହିଭଳି ପିଲାଙ୍କୁ ପ୍ରଥମେ ଶୈକ୍ଷିକ ପରିବେଶକୁ ଆଣିବାକୁ ଚେଷ୍ଟା କରାଯିବ। ଦୀକ୍ଷା ଓ ମଧୁ ଆପ୍ ଭଳି ବ୍ୟବସ୍ଥାରେ ଅନଲାଇନ୍ ପାଠପଢ଼ା ହୋଇଥିଲେ ମଧ୍ୟ ବାସ୍ତବରେ ପିଲାଙ୍କ ଶିକ୍ଷା ଗ୍ରହଣକୁ ପରୀକ୍ଷା ମୂଳକ ଭାବେ ଦେଖାଯିବ। ଏହାପରେ ଶ୍ରେଣୀର ପ୍ରଦର୍ଶନ ଅନୁଯାୟୀ ପାଠ ପଢ଼ାଯିବ।

ଅନ୍ୟପକ୍ଷରେ ଅଭିଭାବକ ବିନୋଦ ବରାଳ କହିଛନ୍ତି, ପିଲାମାନେ ଅନଲାଇନ୍ ପାଠପଢ଼ାରୁ ବିଶେଷ ଲାଭବାନ ହୋଇପାରିନାହାନ୍ତି। ତେଣୁ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବୁ। ତେବେ ସେଠାରେ କୋଭିଡ୍ ଗାଇଡ୍‌ଲାଇନ ଠିକ୍ ଭାବେ ପାଳନ ହେବା ଦରକାର। ସେହିଭଳି ଛାତ୍ର ବିକାଶ ବରାଳ କହିଛନ୍ତି, ଅନଲାଇନ୍ ଓ ପ୍ରାଇଭେଟ୍ କୋଚିଂ ମାଧ୍ୟମରେ ଠିକ ଭାବେ ପାଠପଢ଼ା ହୋଇଛି। ସ୍କୁଲ୍ ଖୋଲିବାକୁ ନେଇ ମନରେ ଉତ୍ସାହ ରହିଛି। ଦୀର୍ଘଦିନ ହେବ ସାଙ୍ଗମାନଙ୍କ ସହ ଭେଟ ହୋଇନାହିଁ। ସ୍କୁଲ ପରିବେଶ ଓ ପାଠପଢ଼ାକୁ ବହୁତ ମନେ ପକାଉଥିଲୁ। ସ୍କୁଲ୍ ଖୋଲିବା ଶୁଣି ଖୁସି ଲାଗୁଛି ବୋଲି ବିକାଶ କହିଛନ୍ତି। ଏ ନେଇ ସୁଖଲତା ମେମୋରିଆଲ୍ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ମହାନ୍ତି କହିଛନ୍ତି, ବିଦ୍ୟାଳୟ ସ୍ତରରେ ସବୁ ବ୍ୟବସ୍ଥା ହୋଇଛି। ପାଠପଢ଼ା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ରହିଛି। ଅଭିଭାବକମାନେ ନିଶ୍ଚିନ୍ତରେ ପିଲାଙ୍କୁ ବିଦ୍ୟାଳୟକୁ ପଠାନ୍ତୁ। ଯେଉଁ ପିଲା ସ୍କୁଲ ନ ଆସିବେ ତାଙ୍କ ପାଖରେ ପହଞ୍ଚିବା ପାଇଁ ବ୍ୟବସ୍ଥା କରିବୁ।



ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସବୁଜ ସୁନ୍ଦର କରିବା ସହ ଅଣ ମୋଟରଚାଳିତ ପରିବହନକୁ ପ୍ରୋତ୍ସାହିତ କରିବା ବାର୍ତ୍ତା ନେଇ ରବିବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍), ପାଣ୍ଟାଲୁନ୍ ଓ ମାଲାବାର ପକ୍ଷରୁ ଅନୁଷ୍ଠିତ ସାଇକ୍ଲୋଥନ୍।

# ଆସୁଛି ପଞ୍ଚାୟତ ନିର୍ବାଚନ: ଗାଁମୁହାଁ ନେତା

**ବେଗୁନିଆ,୧୪।୧୧(ଡି.ଏନ୍.ଏ.)**

ଆଗକୁ ଆସୁଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ପଞ୍ଚାୟତ ନିର୍ବାଚନୀ ବିଗୁଲକୁ ଅପେକ୍ଷା ନ କରି ଏବେଠାରୁ ନେତାମାନେ ଗାଁମୁହାଁ ହେଲେଣି। ନିର୍ବାଚନରେ ବିଜୟ ହାସଲ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ଦଳ ବିଭିନ୍ନ ରଣନୀତି ଆପଣାଇଛନ୍ତି। ଶାସକ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସଂଖ୍ୟା ଗରିଷ୍ଠତା ହାସଲ କରିବ ବୋଲି ଆଶା ରଖିଛି। ସେହିପରି ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱାରେ ଜିତିବ ବୋଲି ଆଶା ରଖିଛି। ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ବିଜୟ ହାସଲ କରିବ ବୋଲି କଂଗ୍ରେସ ଆଶା ରଖିଛି। ତେବେ ଏହି ପଞ୍ଚାୟତ ନିର୍ବାଚନ ପାଇଁ ସହରଠୁ ଗାଁ ପର୍ଯ୍ୟନ୍ତ ଚାଲିଛି ଅଙ୍କ କଷାକଷି। ଦଳୀୟ ଟିକେଟ ନ ମିଳିବା ଯୋଗୁ ସ୍ୱାଧୀନ ପ୍ରାର୍ଥୀ ହେବା ସହ ଦଳ ବିରୋଧୀ କାର୍ଯ୍ୟ କରିବାକୁ ମଧ୍ୟ ପଛାଇ ନ ଥାନ୍ତି। ଏବେଠାରୁ ଗାଁରେ ତାତି ଦେଖିବାକୁ ମିଳିଲାଣି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ୩ ଜିଲା ପରିଷଦ ସଭ୍ୟ, ୨୧ ପଞ୍ଚାୟତ ପାଇଁ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ପଦ ପାଇଁ ନିର୍ବାଚନ ହେବ। କେବଳ ୩ ଜିଲା ପରିଷଦ ସଭ୍ୟ ପାଇଁ ଦଳୀୟ ଚିହ୍ନ ରହିଥିବା ବେଳେ ଅନ୍ୟ ସମସ୍ତ ପଦ ପାଇଁ ଦଳୀୟ ଚିହ୍ନ ରହିବ ନାହିଁ। ତେବେ ନିର୍ବାଚନରେ ଲଢ଼ିବାକୁ ଆଶା ରଖିଥିବା ପ୍ରାର୍ଥୀମାନେ ଦଳୀୟ ନେତାଙ୍କ ନିକଟତର ହେବା ଦେଖିବାକୁ ମିଳୁଛି। ସିପିଆଇ ପକ୍ଷରୁ ବିଭିନ୍ନ ସ୍ଥାନରେ ସଭା ଓ ସମାବେଶ ହେଉଥିବା ବେଳେ ବିଜେଡି ପକ୍ଷରୁ ସମାବେଶ କରାଯାଉଛି। ଏହି ବ୍ଲକରେ ଭାଜପା ଦୁଇ ଭାଗ, କଂଗ୍ରେସ ଦଳ ସ୍ଥାଣୁ ପାଲଟିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ବ୍ଲକ ଅଞ୍ଚଳର ମୌଳିକ ବିକାଶ ସହ ଜେଏମ୍‌ଏଫ୍‌ସି, ଏନ୍‌ଏସି, ସ୍ୱାସ୍ଥ୍ୟସେବା ମୁଖ୍ୟ ପ୍ରସଙ୍ଗ ପାଲଟିବ। ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରା ଉପରେ ଭୋଟରଙ୍କ ବିଶ୍ୱାସ ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ୩ ଜିଲାପରିଷଦ ଆସନରେ ବିଜେଡି ବିଜୟୀ ହେବ।

# ପିଲାଙ୍କ ସୃଜନଶୀଳତା ବିକାଶ କରୁଛି 'ସୁରଭି'

**ଖୋର୍ଦ୍ଧା ଅଫିସ,୧୪।୧୧**

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଳିତ**

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପାଳିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର ସଭାପତିତ୍ୱ କରି ପିଲାଙ୍କ ପାଠପଢ଼ା ସହ ସୃଜନଶୀଳତାର ବିକାଶ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ନିଜ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବା ସହ ସ୍ୱପ୍ନ ସାକାର ହେବା ପର୍ଯ୍ୟନ୍ତ ପରିଶ୍ରମ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ୍.କେ. ଗୌହର ଅଲ୍ଲୀଙ୍କ ସମେତ ଜିଲା ଶିକ୍ଷା ମଣ୍ଡଳ ଅଧୀନ ଶିକ୍ଷା ଅଧିକାରୀମାନେ ମଞ୍ଚାସୀନ ଥିଲେ। ଜିଲା ଶିକ୍ଷାଧିକାରୀଙ୍କ 'ମୋ କଥା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ମଣ୍ଡଳ ସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ଉନ୍ନୀତ ହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଜିଲାସ୍ତରୀୟ ପ୍ରତିଯୋଗୀତା ହୋଇଥିଲା। ସେମାନଙ୍କ ମଧ୍ୟରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୫ଜଣଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅଖିଳେଶ ମହାପାତ୍ର, ଅନୁସୂଚିତ ଜାତି ଓ ଜନଜାତିର ସଂଯୋଜିକା ସୁନୀତା ପଟ୍ଟନାୟକ ପରିଚାଳନା କରିଥିଲେ। କୃତୀ ଦିବ୍ୟାଙ୍ଗ ଛାତ୍ରୀ ଆଶା ବାହାଦୁର ଗୁରୁମଙ୍କ ଦ୍ୱାରା ପରିବେଷିତ 'ଜଗତର ନାଥ ଜଗନ୍ନାଥ' ନୃତ୍ୟ ମନ ଛୁଇଁଥିଲା। ସେହିପରି ବିଭିନ୍ନ ନୃତ୍ୟସଙ୍ଗୀତ ପରିବେଷିତ ହୋଇଥିଲା।

## ମଦ, ଗଞ୍ଜେଇ ଜବତ: ୫ ଅଭିଯୁକ୍ତ ଗିରଫ

**ଆଠଗଡ଼/ବାଙ୍କୀ, ୧୪।୧୧(ସ୍ୱ.ପ୍ର.)**

କଟକ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଆଠଗଡ଼ ଥାନା ପଛରେ ଥିବା କୈବର୍ତ୍ତ ସାହିର ଏକ କ୍ୟାବିନରୁ ରବିବାର ୨୧କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ଲିଙ୍ଗରାଜ ବେହେରା (୪୫)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ବାଙ୍କୀରେ ଅବକାରୀ ଅଧିକାରୀ ତେଲେସଫର ଲାକ୍ରାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୨୨ ଲିଟର ଚୋରା ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ପଥପୁର ଗ୍ରାମର ପ୍ରତାପ ଗୋଛାୟତ, ବିଶ୍ୱନାଥ ଗୋଛାୟତ, କିଆପଳାର କୁଳମଣି ପଳେଇ ଓ ପଥୁରିପଡା ଗ୍ରାମର ସୁସ୍ମିତା ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଯଥାକ୍ରମେ ୫୨, ୬୦, ୫୫, ୫୫ ଲିଟର ଚୋରାମଦ ଜବତ କରାଯାଇଛି।

## ନ୍ୟାୟିକ ବ୍ୟବସ୍ଥା ଲୋକାଭିମୁଖୀ ହେବା ଆବଶ୍ୟକ

**ବାଣପୁର,୧୪।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଓକିଲ ସଂଘର ୪୨ତମ ପ୍ରତିଷ୍ଠା ଦିବସ ରବିବାର କୋର୍ଟ ପରିସରରେ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରଭାତ କୁମାର ପଟ୍ଟଯୋଶୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଚିଲିକା ବିଚାର ବିଭାଗୀୟ ଅଦାଲତର କନିଷ୍ଠ ଦେୱାନି ବିଚାରପତି ବିକାଶ ଗୋଏଲ, ଅତିଥିଭାବେ ଆଇନଜୀବୀ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ ନ୍ୟାୟିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ନ୍ୟାୟିକ ବ୍ୟବସ୍ଥା ଲୋକାଭିମୁଖୀ ଏବଂ ସୁଲଭ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଅତିଥି ମାନେ ମା' ଭଗବତୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଘ ସମ୍ପାଦକ ଜଗନ୍ନାଥ ଭୋଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବାଣପୁର ଏବଂ ଚିଲିକା ଓକିଲ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ସହସମ୍ପାଦକ ନରେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଦେବବ୍ରତ ବଡଜେନା, ମନୋଜ କୁମାର ନନ୍ଦ ଏବଂ ରଜନୀକାନ୍ତ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ପଦ୍ମଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ନିଜର ହକ୍ ପାଇଁ ଆନ୍ଦୋଳନ ଜୋରଦାର ହେବ

**ବାଲିପାଟଣା,୧୪।୧୧(ଡି.ଏନ୍.ଏ.)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ସଂଘ କର୍ମଚାରୀ ମିଳିତ ମଞ୍ଚ ଜୟଦେବ ଶାଖାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ବାଲିପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ୬୬୨ବର୍ଗ କଲେଜ ସଂଘର ସଭାପତି ଗୋଲକ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସଂଘର ପ୍ରଥମ ବାର୍ଷିକ ଉତ୍ସବରୁ ରାଜ୍ୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାଥି ହୋଇ ନିଜର ହକ ପାଇଁ ଲଢ଼େଇ ଜୋରଦାର କରି ଦାବି ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସତାଉଦ୍ଦିନ ଅହମ୍ମଦ, ତ୍ରିଲୋଚନ ସ୍ୱାଇଁ, କଲ୍ୟାଣ ପଣ୍ଡା, ପ୍ରଶାନ୍ତ ଦାସ, ରଞ୍ଜନ ଦାସ, ଗଗନ ବେଉରା, ଅଶୋକ ମହାପାତ୍ର ମତବ୍ୟକ୍ତ କରିଥିଲେ। ୨୦୦୮ରୁ ୨୦୧୨ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷକ, ଅଧ୍ୟାପକ ଓ ଅନ୍ୟ କର୍ମଚାରୀଙ୍କୁ ସରକାରୀ କରାଯାଉ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ଯୋରଦାର ହେବ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷକମାନେ ଦାବି କରିଛନ୍ତି। ହେମନ୍ତ ଦାଶ, ସୁନିଲ ପଣ୍ଡା ସଭା ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରସନଜିତ୍


@ ରାକେଶ


@ ସେହାଶିଷ


@ ଲକି


@ ଅଜିତ୍


@ ବିଜୟ

# କଂଗ୍ରେସରୁ ପ୍ରଦୀପ ସାହୁଙ୍କ ଇସ୍ତଫା

**ଖୋର୍ଦ୍ଧା ଅଫିସ, ୧୪।୧୧**

**ଆଜି ବିଜେଡିରେ ଯୋଗଦେବେ**

ଖୋର୍ଦ୍ଧା ଜିଲା କଂଗ୍ରେସ ଉପସଭାପତି ତଥା ବେଗୁନିଆ ନିର୍ବାଚନମଣ୍ଡଳୀର ଟାଣୁଆ ନେତା ପ୍ରଦୀପ କୁମାର ସାହୁ ରବିବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ପିସିସି ସଭାପତିଙ୍କ ନିକଟକୁ ପଠାଇଛନ୍ତି। ପ୍ରଦୀପ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି, ସେ ଦୀର୍ଘଦିନ ଧରି କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ତେବେ ଦଳୀୟ ସାଙ୍ଗଠନିକ କ୍ଷେତ୍ରରେ ତାଙ୍କୁ କ୍ରମାଗତ ଭାବେ ଅଣଦେଖା କରାଯାଉଛି। ଏଣୁ ସେ ଦଳରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏହି କାରଣରୁ ସେ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ସେ ତାଙ୍କର ଶତାଧିକ ସମର୍ଥକଙ୍କ ସହ ସୋମବାର ନବୀନ ନିବାସଠାରେ ବିଜେଡିରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏନେଇ ପିସିସି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ପରିଡ଼ା କହିଛନ୍ତି, ଦଳ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ରାଜନୈତିକ କ୍ଷେତ୍ରରେ ବେଗୁନିଆ ନିର୍ବାଚନମଣ୍ଡଳୀ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ସେ ଜାନକୀବଲ୍ଲଭଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆସିଥିଲେ। ଆଜି ଦଳ ଛାଡ଼ିବା ପରେ ସାଙ୍ଗଠନିକ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରଦୀପ ଦୁର୍ବଳତା ଯୋଗୁ ଦଳ ଛାଡ଼ିଛନ୍ତି ବୋଲି ଶିଶିର ପ୍ରକାଶ କରିଛନ୍ତି।


ଟ୍ରେଜର ହଣ୍ଟ ଅନୁଷ୍ଠାନ ପକ୍ଷରୁ ଅଙ୍ଗଦାନ ଓ ଜନସଚେତନତା ନେଇ ରବିବାର କଟକ ମିଶନ ରୋଡସ୍ଥିତ ୟୁନିୟନ କ୍ଲବ ପରିସରରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।


ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।


ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଜିଲା କୋର୍ଟ ପରିସରରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଓଡ଼ିଶା-ଆନ୍ଧ୍ର ସୀମା ବିବାଦ ସମାଧାନ ପାଇଁ ପଦଯାତ୍ରା ସାରି ଫେରିଲେ ମୁକ୍ତିକାନ୍ତ

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ):** ସୀମା ବିବାଦର ସମାଧାନ ପାଇଁ ଭୁବନେଶ୍ୱରରୁ ଆନ୍ଧ୍ର ପ୍ରଦେଶ ରାଜଧାନୀ ଅମରାବତୀକୁ ପଦଯାତ୍ରାରେ ଯାଇଥିବା ଯୁବ ସାମାଜିକକର୍ମୀ ରାଉରକେଲା ମୁକ୍ତିକାନ୍ତ ବିଶ୍ୱାଳ ଓଡ଼ିଶା ଫେରି ଆସିଛନ୍ତି। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଲାଗି ରହିଥିବା ସୀମା ବିବାଦର ଯଥାଶୀଘ୍ର ସମାଧାନ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକତ୍ର ବସି ଆଲୋଚନା କରିବା ଦାବିରେ ମୁକ୍ତିକାନ୍ତ ଗାନ୍ଧୀ ଜୟନ୍ତୀରୁ ଭୁବନେଶ୍ୱରରୁ ପଦଯାତ୍ରାରେ ବାହାରିଥିଲେ। ଦୀର୍ଘ ୩୬ ଦିନ ପରେ ଗତ ୭ ତାରିଖ ଦିନ ସେ ଅମରାବତୀରେ ପହଞ୍ଚିବା ପରେ ୯ ତାରିଖରେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ବିରୋଧୀଦଳ ନେତା ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନଙ୍କୁ ଭେଟି ନ ପାରି ତାଙ୍କ ରାଜନୈତିକ ପରାମର୍ଶଦାତାଙ୍କୁ ଭେଟିଥିଲେ। ରବିବାର ମୁକ୍ତିକାନ୍ତ ଲୋହିଆ ଏକାଡେମୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିଜ ପଦଯାତ୍ରାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିବାରୁ ସେ ଆନନ୍ଦ ପ୍ରକଟ କରିବା ସହିତ ସୀମା ବିବାଦର ସମାଧାନ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ପଦଯାତ୍ରା ସମୟରେ ବାଟରେ ବିଭିନ୍ନ ସ୍ଥାନରେ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଜନସାଧାରଣ ଓ ବୁଦ୍ଧିଜୀବୀ ତାଙ୍କୁ ଭେଟି ଯାତ୍ରାର ସଫଳତା କାମନା କରିଥିଲେ। ଏହି ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ପ୍ଲାଷ୍ଟିକ, ପଲିଥିନମୁକ୍ତ ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୧୪।୧୧:** ଖୋର୍ଦ୍ଧାସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲରେ ରବିବାର ଶିଶୁ ମହୋତ୍ସବ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ସ୍କୁଲ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍କୁଲ ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ଆଜିର ଶିଶୁ ଆଗାମୀ ଦିନର ଭବିଷ୍ୟତ, ତେଣୁ ସେମାନଙ୍କ ଭବିଷ୍ୟତକୁ ସୁନ୍ଦର ଭାବେ ଗଢି ତୋଳିବା ଉଚିତ ବୋଲି କହିଛନ୍ତି। ଏହି ଅବସରରେ ଶିଶୁଙ୍କ ମଧ୍ୟରେ କୌତୁକ ବେଶ ପୋଷାକ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବକ୍ତୃତାରେ ଶୁଭଶ୍ରୀ ବେହେରା, ଆଦ୍ୟାଶା ଦୀକ୍ଷିତ, ଶୁଚିସ୍ମିତା ବେହେରା, ଚିତ୍ରକଳାରେ ଅବିନାଶ ସାମନ୍ତରାୟ, ଦେବସ୍ମିତା ପଟ୍ଟନାୟକ, ଶ୍ରୀୟାଂଶ ପ୍ରଧାନ, କୌତୁକ ବେଶ ପୋଷାକ ପ୍ରତିଯୋଗିତାରେ ଆଶୀର୍ବାଦ ପ୍ରିୟଦର୍ଶିନୀ ଷଣ୍ଢ, ଅନନ୍ୟା ବେହେରା, ଶ୍ରୀୟାଂଶୁ ସ୍ୱାଇଁ, ଅନିକେତ ଶ୍ରୀଚନ୍ଦନ, ମିହିର ରଞ୍ଜନ ସାହୁ, ସ୍ମୃତିପ୍ରଜ୍ଞା ସାହୁ ପ୍ରମୁଖ କୃତି ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଶିକ୍ଷକ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ପିଲାମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ଓ ପଲିଥିନମୁକ୍ତ, ସ୍ୱଚ୍ଛତା ଏବଂ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ସେହିପରି ମଣିପାଲ୍ ଡ୍ୟାନ୍ସ ଷ୍ଟୁଡ଼ିଓରେ ଶିଶୁ ଦିବସ ପାଳିତ ହୋଇଯାଇଛି। ନୃତ୍ୟ ନିର୍ଦ୍ଦେଶକ ମଣିପାଲ୍ ଓ ଛାତ୍ରୀଛାତ୍ରଙ୍କ ସମେତ ପ୍ରିୟା ମହାନ୍ତି, ଶିଳା ଦାସ, ମାନସୀ ବେହେରା ଏବଂ ସତ୍ୟମଞ୍ଜରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଆକ୍ରମଣ, ଖଣ୍ଡା ଧରି ଆତଙ୍କ

**ପୁରୀ ଅଫିସ, ୧୪।୧୧**





## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

- ସାମ୍ନାକୁ ଆସିଲାଣି ୫ ଘଟଣା
- ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ଭୁବନେଶ୍ୱର, କଟକ ଓ ବଲାଙ୍ଗୀର ପରେ ଏବେ ପର୍ଯ୍ୟଟନ ସହର ପୁରୀରେ ଅମାନିଆ ଯୁବଗୋଷ୍ଠୀ ଆତଙ୍କ ଖେଳାଇଛନ୍ତି। ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ପୁରୀ ଜିଲାରେ ଏଭଳି ୫ଟି ଭିଡିଓ ସାମ୍ନାକୁ ଆସିଛି। ଶନିବାର ରାତିରେ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ଯୁବକ ୪ଜଣଙ୍କ ଉପସ୍ଥିତିରେ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଏହା ପୁରୀ ଚନ୍ଦନପୁର ଅଞ୍ଚଳର ଘଟଣା ବୋଲି କୁହାଯାଉଛି। ସେହିପରି ଆଉଜଣେ ଯୁବକ ତାଙ୍କ ଫେସ୍‌ବୁକ୍ ଷ୍ଟାଟସ୍‌ରେ ଖଣ୍ଡା ଧରି ଫଟୋ ପୋଷ୍ଟ କରିଛନ୍ତି। ଏହା ସାଧାରଣରେ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ଚର୍ଚ୍ଚା ଜୋର ଧରିବା ପରେ ଏସ୍‌ପି କନୱର ବିଶାଲ ସିଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁରୀରେ କୌଣସି ପ୍ରକାର ଆପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଅନେକ ଯୁବକ ବିଭିନ୍ନ କାରଣରୁ ବିପଥଗାମୀ ହୋଇ ଅପରାଧ ଦୁନିଆରେ ପାଦ ଦେବା ସହ ନିଜ ପତିଆରା ଜାହିର ପାଇଁ ସୋସିଆଲ ମିଡିଆକୁ ବ୍ୟବହାର କରୁଛନ୍ତି। ବିଶେଷକରି ସେମାନେ ଭୟ ଦେଖାଇ ଅର୍ଥ ଉପାର୍ଜନ କରିବା ପାଇଁ ଏଭଳି ଉପାୟ ଆପଣାଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏସ୍‌ପି ସିଂ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୫ଟି ଭିଡିଓ ଭାଇରାଲ ହୋଇଥିବା ପୋଲିସ ନଜରକୁ ଆସିଛି। ଏ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏପରି ଭିଡିଓ କରିବାରୁ ଯୁବତୀ ଯୁବକ ଦୂରେଇ ରହି ନିଜ ପାଠପଢା ଓ କ୍ୟାରିୟର ପ୍ରତି ମନୋନିବେଶ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସେହିପରି ଗତ କିଛି ମାସ ହେଲା ପୁରୀ ପୋଲିସ ବେଆଇନ ନିଶା କାରବାର, ଦାଦାବଟି ଆଦାୟକାରୀ ଏବଂ ବିଭିନ୍ନ ଆପରାଧିକ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛି ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ କ୍ଷେତ୍ର। ସାରା ବିଶ୍ୱରୁ ଲୋକେ ଏଠାକୁ ଆସିଥାନ୍ତି। ତେଣୁ ପୋଲିସ ପ୍ରଶାସନ ସର୍ବଦା ସଜାଗ ରହିବା ଆବଶ୍ୟକ। ଏହି ଘଟଣା ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ୨ ଯୁବକଙ୍କୁ କାଉନସେଲିଂ କରି ଛାଡ଼ିଲା ପୋଲିସ

ଆକ୍ରମଣ ଓ ଖଣ୍ଡା ଧରି ଫଟୋ ଉଠାଇବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ଘଟଣାରେ ରବିବାର ସନ୍ଧ୍ୟାରେ ପୁରୀ ପୋଲିସ ଦୁଇଜଣ ଯୁବକଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଉଭୟ ଯୁବକଙ୍କୁ କାଉନସେଲିଂ କରିବା ପରେ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇ ପୋଲିସ ଛାଡ଼ି ଦେଇଛି। ସମ୍ପୃକ୍ତ ଯୁବକ ଦ୍ୱୟ ହେଲେ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବେଲଦଳ ଅଞ୍ଚଳର ସତ୍ୟଜିତ ପ୍ରଧାନ (୧୯) ଏବଂ ଚନ୍ଦନପୁର ଥାନା ତଳଜଙ୍ଗ ଅଞ୍ଚଳର ବାପି ପ୍ରଧାନ (୨୫)। ତେବେ ଦୁହେଁ କୌଣସି ପ୍ରକାର ଆପରାଧିକ କାର୍ଯ୍ୟ ଉଦ୍ଦେଶ୍ୟରେ ଏଭଳି ଭିଡିଓ କରି ନ ଥିବା କହିଛନ୍ତି। ସଦର ଏସ୍‌ଡିପିଓ କେ.ସି. ମୁଣ୍ଡ ସେମାନଙ୍କୁ ସୋସିଆଲ ମିଡିଆର ଉଚିତ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଦୁହେଁ ପୋଲିସକୁ ପ୍ରତିଶ୍ରୁତି ଦେବା ପରେ ପୋଲିସ ସେମାନଙ୍କୁ ଛାଡ଼ିଛି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଦୁଇଟି ଫୋନ୍ ନମ୍ବର ଜାରି କରାଯାଇଛି। ଏଭଳି କୌଣସି ଘଟଣା ନଜରକୁ ଆସିଲେ ଉକ୍ତ ନମ୍ବରରେ ଜଣାଇବା ପାଇଁ କୁହାଯାଇଛି।

## ୯୨ କେଜି ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ,୧୪।୧୧**

ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ନିକଟରେ ରବିବାର ଚଢାଉ କରାଯାଇ ୯୨ କେଜି ଗଞ୍ଜେଇ ଓ ଏକ କାର ଜବତ କରାଯାଇଛି। ଏହି ଘଟଣାରେ ବିହାର ଭାଗଲପୁରର ଏମ୍‌ଡି. ଇଜହାର ଆଲମ(୩୫) ଓ ଏମ୍‌ଡି ମୀନହାଜ(୩୭)ଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁରରୁ ଉକ୍ତ କାର(ନଂ. ଡବ୍ଲୁବି୦୨ଜେଡ-୧୯୬୨)ରେ ପଶ୍ଚିମବଙ୍ଗ ଗଞ୍ଜେଇ ଚାଲାଣ ହେଉଥିବା ସ୍କ୍ୱାଡ୍ ପାଖରେ ଖବର ପହଞ୍ଚିଥିଲା। ସକାଳ ୬ଟାବେଳେ ସ୍କ୍ୱାଡ୍ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗୁଳି ଛକରେ ଜଗି ରହିଥିଲା। କାର ସେଠାରେ ପହଞ୍ଚିବା ପରେ ସ୍କ୍ୱାଡ୍ ପଖରୁ ଯାଞ୍ଚ କରାଯିବାରୁ ୪ଟି ବସ୍ତାରେ ୯୨ କେଜି ଗଞ୍ଜେଇ ମିଳିଥିଲା। ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପଟେଲ କହିଛନ୍ତି।

## ଦେବ ଦୀପାବଳିରେ ଅଗ୍ନିହୋତ୍ର ମହାଯଜ୍ଞ ନେଇ ପ୍ରସ୍ତୁତି

**ପୁରୀ ଅଫିସ, ୧୪।୧୧**

ପବିତ୍ର ଦେବ ଦୀପାବଳି ଉପଲକ୍ଷେ ଏକ ଲକ୍ଷ ଦୀପଦାନ ଏବଂ ଅଗ୍ନିହୋତ୍ର ମହାଯଜ୍ଞ ନିମନ୍ତେ ରବିବାର ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ମିଳିତ ଆନୁକୂଲ୍ୟରେ ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର ଆବାହକ ତଥା କୋଷାଧକ୍ଷ ଭାବଗ୍ରାହୀ ଶାନ୍ତିଙ୍କ ଆହ୍ୱାନ କ୍ରମେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ବିଚିତ୍ରାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୀପଦାନ କମିଟି ପୁରୀର ଉପାଧକ୍ଷ ଶଙ୍କର୍ଷଣ ପରିଡ଼ା ଏହା ଉପରେ ମୁଦ୍ରିତ ଏକ ଲିଫ୍‌ଲେଟ ଉନ୍ମୋଚନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଏମ୍‌ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦର ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, ଆଇନଜୀବୀ ରାଧାକାନ୍ତ ମହାପାତ୍ର, ଜିଲା ବିଶ୍ୱକର୍ମା ମହାସଂଘ ଆବାହକ ଲିଙ୍ଗରାଜ ମହାରଣା, ବଡଶଙ୍ଖ କାଳିପୂଜା କମିଟି ସଭାପତି ହରିହର ପାତ୍ରୀଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତୃତୀୟ ଶ୍ରେଣୀ ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀ ପାଠକ ହେବା ଭଲ

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**

ଭୁବନେଶ୍ୱର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରି 'ତୃତୀୟ ଶ୍ରେଣୀର ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀର ପାଠକ ହେବା ଭଲ' ବୋଲି କହିଥିଲେ। ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର, ସାରଳା ଭାଷା ସାହିତ୍ୟ ଏବଂ ପୁରାତତ୍ତ୍ୱ ଗବେଷଣା ନ୍ୟାସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ସାରଳା ଦାସଙ୍କଠାରୁ ରାଧାନାଥଙ୍କ ବାଟ ଦେଇ ସଚ୍ଚି ରାଉତରାୟ ଓ ତା' ପରବର୍ତ୍ତୀ କାବ୍ୟ କବିତାରେ କିପରି ଓଡ଼ିଆ କାବ୍ୟ ଭାଷାର ବିବର୍ତ୍ତିତ ହୋଇଛି ସେ ନେଇ ତାତ୍ତ୍ୱିକ ଆଲୋଚନା କରିଥିଲେ। ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ.ଶତ୍ରୁଘ୍ନ ପାଣ୍ଡବ ଓ ଉଚ୍ଚଶିକ୍ଷା ବିଭାଗ ଉପ ସଚିବ ଡ.ରମେଶ ଚନ୍ଦ୍ର ବେହେରା। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ କାନାଡାରୁ ଆସିଥିବା ବିଦ୍ୟା ପ୍ରକାଶନର ମୁଖ୍ୟ ପ୍ରଫେସର ତନ୍ମୟ ପଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାରଳା ଭାଷା, ସାହିତ୍ୟ ଓ ଗବେଷଣା ନ୍ୟାସର ସମ୍ପାଦକ ଅଜିତ ଦାଶ ପ୍ରାରମ୍ଭିକ ସୂଚନା ଓ ପ୍ରଫେସର ବସନ୍ତ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ବୈଷୟିକ ଅଧିବେଶନରେ ଓଡ଼ିଆ କାବ୍ୟ ଭାଷା ସମ୍ପର୍କରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ଜ୍ଞାନୀ ଦେବାଶିଷ ମିଶ୍ର, ଡ.ଦେବାଶିଷ ମହାପାତ୍ର, ପ୍ରଫେସର ସନ୍ତୋଷ ରଥ, ଡ.ସୁନୀଲ ରଥ, ଡ.ବୈଜୟନ୍ତୀ ନାୟକ ଓ ସୋମନାଥ ବିଶୋୟୀ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ କବି ପ୍ରଦୀପ ବିଶ୍ୱାଳ ଓ କବି ଡ.ଦିଲୀପ କୁମାର ସ୍ୱାଇଁ ଯୋଗଦେଇଥିଲେ। ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କବି ଡ.ପ୍ରସନ୍ନ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ।



ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନରେ ଉପସ୍ଥିତ ଅତିଥିମାନେ।

## ଡାଇବେଟିସ୍ ସଚେତନତା ଶିବିର

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ବିଶ୍ୱ ଡାଇବେଟିସ୍ ଦିବସ ଉପଲକ୍ଷେ ରବିବାର ଭୁବନେଶ୍ୱର ବାର୍ ଆସୋସିଏଶନ ପରିସରରେ ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏଶନ ଓ ୟୁନାଇଟେଡ୍ ୱାର୍ଲ୍ଡ ଏଗେନ୍‌ଷ୍ଟ ଡାଇବେଟିସ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଆଇନ୍‌ଜୀବୀଙ୍କ ଡାଇବେଟିସ୍ ପରୀକ୍ଷା କରାଯାଇ ସଚେତନ କରାଯାଇଥିଲା। ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧକ୍ଷ ଲିଙ୍ଗରାଜ ମହାରଣା ଉପସ୍ଥିତ ଥିଲେ। ଜିଲା ଜଜ୍ ରମାଶଙ୍କର ହୋତା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।



ଓଏସ୍‌ଏସ୍‌ଟିଇଟି ଏବଂ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଆଶାୟୀମାନଙ୍କୁ ଉଚ୍ଚବିଦ୍ୟାଳୟରେ ନିଯୁକ୍ତି ଦାବି କରି ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ଧାରଣା।

## ଅଭିଯୁକ୍ତଙ୍କ ଘରୁ ପୁଣି ମିଳିଲା ମାରଣାସ୍ତ୍ର

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**



### କେବିଏନ୍ ଗ୍ୟାଙ୍ଗର ୫ ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା

- ଖେଳଣା ବନ୍ଧୁକ, ଖଣ୍ଡା, ଭୁଜାଲି, ବାଇକ୍ କ୍ରାଙ୍କ୍ ଜବତ
- ଜେରାରୁ ପୋଲିସ ପାଇଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ
- ମାଷ୍ଟରମାଇଣ୍ଡ୍ ବୁବୁଙ୍କ ପତ୍ତା ପାଉନି

ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିଥିବା କେବିଏନ୍ ଗ୍ୟାଙ୍ଗ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରୁଛି କମିଶନରେଟ ପୋଲିସ। ଶନିବାରଠାରୁ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ପୋଲିସ ମାରଥନ୍ ଜେରା କରିଥିଲା। ଅଭିଯୁକ୍ତ ରାହୁଲ ଜେନା, ରାଜେଶ ବେହେରା ଓରଫ ଟେଙ୍ଗ, ସୁମନ କୁମାର ପରିଡ଼ା, ସନାତନ ବେହେରା ଓରଫ ସନିଆ ଓ ନରେନ୍ଦ୍ର କୁମାର ଜେନାଙ୍କୁ ପୃଥକ ଭାବେ ପଚରାଉଚରା କରାଇଥିଲା। ସେମାନଙ୍କ ବୟାନ ଆଧାରଣରେ ରବିବାର ପୁଣି ୨ଟି ଖେଳନା ବନ୍ଧୁକ, ଗୋଟିଏ ବାଇକ୍ କ୍ରାଙ୍କ୍, ୨ଟି ଖଣ୍ଡା, ଗୋଟିଏ ଭୁଜାଲି ଜବତ ହୋଇଛି। ପୂର୍ବରୁ କେବିଏନ୍ ଗ୍ୟାଙ୍ଗରେ ୨୯ଜଣ ସଦସ୍ୟ ଥିବା ପୋଲିସ କହିଥିଲା। ହେଲେ ଏବେ ଉକ୍ତ ଗ୍ୟାଙ୍ଗରେ ୩୦ଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ଗ୍ୟାଙ୍ଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ହାସଲ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୁବୁ ଜେନାଙ୍କ ସମ୍ପର୍କରେ ଏଯାବତ୍ ସାମାନ୍ୟତମ ସୂଚନା ମିଳିପାରୁ ନାହିଁ। ତେବେ ଏମାନେ ଯେଉଁ ବନ୍ଧୁକ ଧରି ଭିଡିଓ ଭାଇରାଲ କରିଥିଲେ ତାହା ଖେଳନା ବୋଲି ପୋଲିସ ସ୍ପଷ୍ଟ କରିଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇ ବିଭିନ୍ନ ତଥ୍ୟ ହାସଲ କରାଯାଇଛି। ତାଙ୍କ ସାଙ୍ଗରେ କିଏ କିଏ ରହୁଥିଲେ, ସେମାନେ କେଉଁଠି ବସି ଖଟି କରୁଥିଲେ, ଭିଡିଓ ଶୁଟିଂ ଓ ଏଡିଟିଂ କେମିତି କରିଛନ୍ତି, ସୋସିଆଲ୍ ମିଡିଆରେ ଅପଲୋଡ୍ କିଏ କରିଛି, ସେମାନଙ୍କୁ ଜେରାବେଳେ ଏଭଳି ବିଭିନ୍ନ ତଥ୍ୟ ଆମେ ସଂଗ୍ରହ କରିଛୁ। ସେମାନେ ଦେଖେଇ ହୋଇ ଜନସାଧାରଣଙ୍କୁ ଭୟଭୀତ କରୁଥିଲେ। ତେବେ ଆଉ ଯେଉଁ ସଦସ୍ୟଙ୍କ ଘରେ ମାରଣାସ୍ତ୍ର ରହିଛି ସେସବୁକୁ ଜବତ କରାଯିବ। ଆବଶ୍ୟକ ପଡିଲେ ଏମାନଙ୍କୁ ପୁନର୍ବାର ରିମାଣ୍ଡରେ ଆଣାଯିବ। ଗ୍ୟାଙ୍ଗର ଫେରାର ସଦସ୍ୟଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା ଚାଲିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଷ୍ଟରମାଇଣ୍ଡ ବୁବୁଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ରାଜଧାନୀରେ କେବିଏନ୍ ଗ୍ୟାଙ୍ଗ ମୁଣ୍ଡ ଟେକିଥିଲା। ସେମାନେ ଅପରାଧ ଘଟାଇବା ସହ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାକୁ ଖଣ୍ଡା, ଭୁଜାଲି ବୁଲାଇ ଗୁଳି ଫୁଟାଇ ଭିଡ଼ିଓକୁ ଭାଇରାଲ କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଥିଲେ। ଲୁଟ୍‌ପାଟ କରିବା ସହ ଦାଦାବଟି ମଧ୍ୟ ମାଗିବା ଆରମ୍ଭ କରିଥିଲେ। ଏୟାରପୋର୍ଟ ଥାନା ପୋଖରୀପୁଟ ଅଞ୍ଚଳରେ ଅଭିଯୁକ୍ତ ଟେଙ୍ଗ ରହୁଥିବା ଘର ଭାଙ୍ଗି ପୋଲିସ ଏକ ଖଣ୍ଡା ଜବତ କରିଥିଲା। ତା'ପରଦିନ ବୁବୁଙ୍କ ଘରେ ମଧ୍ୟ ପୋଲିସ ଚଢାଉ କରିଥିଲା। ଟେଙ୍ଗ ଓ ସନିଆ ଭୟଭୀତ ହୋଇ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଥିଲେ।

## ଅଭିଯୁକ୍ତଙ୍କୁ କାବୁବେଳେ ପୋଲିସ ହଟହଟା

**କଣ୍ଟାପଡା, ୧୪।୧୧(ଡି.ଏନ୍.ଏ.):** ସାଦା ପୋଷାକରେ ଆସି ଜଣେ ଅଭିଯୁକ୍ତଙ୍କୁ କାବୁ କରିବାବେଳେ ବାଲିପାଟଣା ପୋଲିସକୁ ହଟହଟା ହେବାକୁ ପଡିଛି। ସୂଚନା ଅନୁଯାୟୀ, ବାଲିପାଟଣା ଥାନାରେ ରୁଜୁ ହୋଇଥିବା ଏକ ମାମଲାର ଅଭିଯୁକ୍ତ ଗୋବିନ୍ଦପୁର ଥାନା ବ୍ରାହ୍ମଣବାଟୀ ଗ୍ରାମର ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ଖବରପାଇ ବାଲିପାଟଣା ଆଇଆଇସି କୃପାସିନ୍ଧୁ ବରାଡ଼ ଓ ଅନ୍ୟ କର୍ମଚାରୀ ସାଦା ପୋଷାକରେ ବ୍ରାହ୍ମଣବାଟୀ ଗ୍ରାମରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ସେ ଚିତ୍କାର କରିବାରୁ ସେହି ଗ୍ରାମର ଯୁବକମାନେ ପହଞ୍ଚି ସାଦା ପୋଷାକରେ ଥିବା ପୋଲିସକୁ ଜାଣି ନ ପାରି ସେମାନଙ୍କଠାରୁ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ବାଲିପାଟଣା ପୋଲିସଠାରୁ ଖବରପାଇ ଗୋବିନ୍ଦପୁର ଥାନା ଆଇଆଇସି ଅନାମ ନାୟକ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ସମ୍ପୃକ୍ତ ଯୁବକମାନେ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।


ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁଙ୍କ ଜୟନ୍ତୀରେ ରବିବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ବିଶ୍ୱ ଡାଇବେଟିସ୍ ଦିବସ ଉପଲକ୍ଷେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ରବିବାର ଅନୁଷ୍ଠିତ ସଚେତନତା ପଦଯାତ୍ରା ।


ଶିଶୁ ଦିବସ ଉପଲକ୍ଷେ ପୁରୀ ଜିଲା ନିମାପଡ଼ାଠାରେ ଅନୁଷ୍ଠିତ ୫ମ ପ୍ରତିଭା ଅନ୍ୱେଷଣ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

**ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ**

ପୁରୀ ଅଫିସ: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ବାଲିକୁଦ ବସ୍ତିର ବାବୁ ପ୍ରଧାନ। ତାଙ୍କୁ ପ୍ରଥମେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ମାତ୍ର ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବାବୁଙ୍କ ସହ ତାଙ୍କ ପଡ଼ିଶା ଘର ଲୋକଙ୍କର କୌଣସି ଘଟଣାକୁ ନେଇ ବିବାଦ ଥିଲା। ରବିବାର ପଡ଼ିଶା ଘରର ତିନିଜଣ ମିଶି ମାରଣାସ୍ତ୍ରରେ ବାବୁଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବାବୁଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧୧।୨୦୨୧

| | |
|---|---|
| ୩,୩୫,୮୪୩ ଟଙ୍କା | |
| ସୁନା | ୪୦.୨୦୦ ଗ୍ରାମ |
| ରୁପା | ୧୮୮ ଗ୍ରାମ |

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ

**ଆଜିଠୁ ଶ୍ରେଣୀଗୃହରେ ୬ଷ୍ଠ, ୭ମ ପାଠପଢ଼ା**

ପୁରୀ ଅଫିସ,୧୪।୧୧: କରୋନା କଟକଣା ମଧ୍ୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସୋମବାରଠାରୁ ବିଦ୍ୟାଳୟ ଖୋଲୁଛି। ପ୍ରାୟ ଦେଢବର୍ଷର ବ୍ୟବଧାନ ପରେ ଉକ୍ତ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯାଇ ଶ୍ରେଣୀଗୃହରେ ପାଠ ପଢିବେ। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ପିଲାଙ୍କୁ ସ୍କୁଲ ଛାଡ଼ିବା ନେଇ ଅଭିଭାବକ ଆଗ୍ରହୀ ଥିଲେ ମଧ୍ୟ ସେମାନଙ୍କର ଟିକାକରଣ ହୋଇ ନ ଥିବାରୁ ଚିନ୍ତାରେ ଅଛନ୍ତି।

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ଗୁଡ଼ିକରେ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇସାରିଛି। ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧି ବିଦ୍ୟାଳୟ ଆସିବେ। ମାସ୍କ ନ ଥିଲେ ମାସ୍କ ଯୋଗାଇ ଦିଆଯିବ। ସେହିଭଳି ସାମାଜିକ ଦୂରତା, ବିଶୋଧନ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ କେତେକ ବିଦ୍ୟାଳୟରେ ୫-ଟି ଅନ୍ତର୍ଗତ ଉନ୍ନୟନ କାର୍ଯ୍ୟ ଚାଲୁଥିବାରୁ ଛାତ୍ରୀଛାତ୍ରଙ୍କୁ ବସାଇବାରେ ସମସ୍ୟା ହୋଇପାରେ। ମାତ୍ର ଅଧିକାଂଶ ସ୍କୁଲରେ ପିଲାଙ୍କ ବସିବା ଓ ପଢିବା ପାଇଁ ସ୍ଥାନ ରହିଛି। ସେହିଭଳି ପିଲାଙ୍କୁ ପ୍ରଥମେ ଶୈକ୍ଷିକ ପରିବେଶକୁ ଆଣିବାକୁ ଚେଷ୍ଟା କରାଯିବ। ଦୀକ୍ଷା ଓ ମଧୁ ଆପ୍ ଭଳି ବ୍ୟବସ୍ଥାରେ ଅନଲାଇନ୍ ପାଠପଢ଼ା ହୋଇଥିଲେ ମଧ୍ୟ ବାସ୍ତବରେ ପିଲାଙ୍କ ଶିକ୍ଷା ଗ୍ରହଣକୁ ପରୀକ୍ଷା ମୂଳକ ଭାବେ ଦେଖାଯିବ। ଏହାପରେ ଶ୍ରେଣୀର ପ୍ରଦର୍ଶନ ଅନୁଯାୟୀ ପାଠ ପଢ଼ାଯିବ।

ଅନ୍ୟପକ୍ଷରେ ଅଭିଭାବକ ବିନୋଦ ବରାଳ କହିଛନ୍ତି, ପିଲାମାନେ ଅନଲାଇନ୍ ପାଠପଢ଼ାରୁ ବିଶେଷ ଲାଭବାନ ହୋଇପାରିନାହାନ୍ତି। ତେଣୁ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବୁ। ତେବେ ସେଠାରେ କୋଭିଡ୍ ଗାଇଡ୍‌ଲାଇନ ଠିକ୍ ଭାବେ ପାଳନ ହେବା ଦରକାର। ସେହିଭଳି ଛାତ୍ର ବିକାଶ ବରାଳ କହିଛନ୍ତି, ଅନଲାଇନ୍ ଓ ପ୍ରାଇଭେଟ୍ କୋଚିଂ ମାଧ୍ୟମରେ ଠିକ ଭାବେ ପାଠପଢ଼ା ହୋଇଛି। ସ୍କୁଲ୍ ଖୋଲିବାକୁ ନେଇ ମନରେ ଉତ୍ସାହ ରହିଛି। ଦୀର୍ଘଦିନ ହେବ ସାଙ୍ଗମାନଙ୍କ ସହ ଭେଟ ହୋଇନାହିଁ। ସ୍କୁଲ ପରିବେଶ ଓ ପାଠପଢ଼ାକୁ ବହୁତ ମନେ ପକାଉଥିଲୁ। ସ୍କୁଲ୍ ଖୋଲିବା ଶୁଣି ଖୁସି ଲାଗୁଛି ବୋଲି ବିକାଶ କହିଛନ୍ତି। ଏ ନେଇ ସୁଖଲତା ମେମୋରିଆଲ୍ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ମହାନ୍ତି କହିଛନ୍ତି, ବିଦ୍ୟାଳୟ ସ୍ତରରେ ସବୁ ବ୍ୟବସ୍ଥା ହୋଇଛି। ପାଠପଢ଼ା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ରହିଛି। ଅଭିଭାବକମାନେ ନିଶ୍ଚିନ୍ତରେ ପିଲାଙ୍କୁ ବିଦ୍ୟାଳୟକୁ ପଠାନ୍ତୁ। ଯେଉଁ ପିଲା ସ୍କୁଲ ନ ଆସିବେ ତାଙ୍କ ପାଖରେ ପହଞ୍ଚିବା ପାଇଁ ବ୍ୟବସ୍ଥା କରିବୁ।



ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସବୁଜ ସୁନ୍ଦର କରିବା ସହ ଅଣ ମୋଟରଚାଳିତ ପରିବହନକୁ ପ୍ରୋତ୍ସାହିତ କରିବା ବାର୍ତ୍ତା ନେଇ ରବିବାର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍), ପାଣ୍ଟାଲୁନ୍ ଓ ମାଲାବାର ପକ୍ଷରୁ ଅନୁଷ୍ଠିତ ସାଇକ୍ଲୋଥନ୍।

## ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ

ପିପିଲି/ସାକ୍ଷୀଗୋପାଳ, ୧୪।୧୧ (ସ୍ୱ.ପ୍ର./ ଡି.ଏନ୍.ଏ.): ପିପିଲିର ଜବାହାର ବିଦ୍ୟାପୀଠ ପ୍ରାଙ୍ଗଣରେ ରବିବାର ଶିଶୁ ଦିବସ ପାଳିତ ହୋଇଯାଇଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିଶୁ ଦେଶର ଭବିଷ୍ୟତ। ଶିକ୍ଷାର ମାନ ବୃଦ୍ଧି ସହ ସଂସ୍କାର ନୀତି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନରେ ସହାୟକ ହେବ ବୋଲି ବିଧାୟକ କହିଥିଲେ। ପ୍ରଧାନ ଶିକ୍ଷକ ପୀତବାସ ସେଠୀ ସଭାପତିତ୍ୱ କରିଥିବା ଶିକ୍ଷକ ରମାକାନ୍ତ ନାୟକ, ଶାନ୍ତିଲତା ସାହୁ ସଭା ପରିଚାଳନା କରିଥିଲେ। ଧରଣୀଧର ସାହୁ, ସେକ୍‌ବାବୁ, ପ୍ରଫୁଲ୍ଲ ସ୍ୱାଇଁ, ପର୍ଶୁରାମ ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରଘୁନାଥ ଜେନା ପ୍ରମୁଖ ଯୋଗଦେଇଥିଲେ। ସେକ ଶାହିଦ୍ ରାଜା ଓ ପୂଜା ଜେନାଙ୍କ ପୁରସ୍କୃତ କରାଯାଇଥିଲା। ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ସ୍ଥାନୀୟ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଶିଶୁ ବତ୍ସଳ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶିଶୁ ଭବନର ଅନ୍ତେବାସୀ ଓ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଦେଶାତ୍ମବୋଧ ସଙ୍ଗୀତ ଓ ନେହେରୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁଭବନ ଛାତ୍ର ଆଶୁତୋଷ ଦାସ ଜିଲା ସ୍ତରରେ ପୁରସ୍କୃତ ହୋଇଥିଲେ। ଶିଶୁ ଭବନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ସୁବୋଧ ସ୍ୱାଇଁ, ମିନାକ୍ଷୀ ବାରିକ, ଶାନ୍ତିଲତା ଚୌଧୁରୀ, କବିତା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚନ୍ଦ୍ରବ୍ରହ୍ମପୁର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉତ୍ସବରେ ଦୟାନିଧି ନାୟକ, ମାର୍କଣ୍ଡେୟ ମହାନ୍ତି, ରଶ୍ମିରଞ୍ଜନ ମହାପାତ୍ର, ବବିତା ମିଶ୍ର ଓ ସୁକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଜୟକୃଷ୍ଣ ଭୋଇ ସଭାପତିତ୍ୱ ଓ ଅନ୍ତର୍ଯ୍ୟାମୀ ପତ୍ରୀ ପରିଚାଳନା କରିଥିଲେ। କୃଷ୍ଣପ୍ରିୟା ରଥ ଓ ରଚିତା ମିଶ୍ର ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରସନଜିତ୍


@ ରାଜେଶ


@ ସ୍ନେହାଶିଷ


@ ଲକି


@ ଅଜିତ୍


@ ବିଜୟ

## ସଂକ୍ଷେପରେ

### ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ପୁରୀ ଅଫିସ,୧୪।୧୧: ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଛି। ସମସ୍ତ ୧୧ ବ୍ଲକ୍‌ରୁ ୯୯ ଜଣ ଛାତ୍ରୀଛାତ୍ର ଓ ୭୭ ଜଣ ଗାଇଡ୍ ଶିକ୍ଷକ ଯୋଗଦେଇଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ସମର୍ଥା ଯୋଗଦେଇଥିଲେ। ସମାଜରେ ସଂସ୍କାର ଆଣିବାକୁ ହେଲେ ଶିଶୁଙ୍କୁ ଠିକ୍ ଭାବେ ଗଢ଼ିବାକୁ ପଡ଼ିବ, ଯାହାର ଗୁରୁଦାୟିତ୍ୱ ଅଭିଭାବକଙ୍କ ଉପରେ ରହିଛି। ବିଶେଷକରି ସୃଜନଶୀଳତା ବିକାଶ ଓ ଦକ୍ଷତାର ପରିସ୍ଫୁଟନ ଏହି ସମୟରେ ସକ୍ରିୟ ଭାବେ କାର୍ଯ୍ୟକ୍ଷମ ହୋଇଥାଏ। ଭବିଷ୍ୟତରେ ଏହି ସୃଜନଶୀଳତା ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥାଏ ବୋଲି ସମର୍ଥା କହିଛନ୍ତି। ମହୋତ୍ସବରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତାମାନ ହୋଇଥିଲା। ବକ୍ତୃତାରେ କଣାସ ହାଇସ୍କୁଲର ସ୍ୱାତୀଶ୍ରୀ ରାଉତ, ଚିତ୍ରାଙ୍କନରେ ସତ୍ୟବାଦୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସାଇସୋହନ ପ୍ରଧାନ, ପ୍ରବନ୍ଧରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସିମ୍ରନ୍ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା।

### ଦେବ ଦୀପାବଳିରେ ଅଗ୍ନିହୋତ୍ର ମହାଯଜ୍ଞ ନେଇ ପ୍ରସ୍ତୁତି

ପୁରୀ ଅଫିସ, ୧୪।୧୧: ପବିତ୍ର ଦେବ ଦୀପାବଳି ଉପଲକ୍ଷେ ଏକ ଲକ୍ଷ ଦୀପଦାନ ଏବଂ ଅଗ୍ନିହୋତ୍ର ମହାଯଜ୍ଞ ନିମନ୍ତେ ରବିବାର ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ମିଳିତ ଆନୁକୂଲ୍ୟରେ ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର ଆବାହକ ତଥା କୋଷାଧ୍ୟକ୍ଷ ଭାବଗ୍ରାହୀ ଶାନ୍ତିଙ୍କ ଆହ୍ୱାନ କ୍ରମେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ବିଚିତ୍ରାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦୀପଦାନ କମିଟି ପୁରୀର ଉପାଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା ଏହା ଉପରେ ମୁଦ୍ରିତ ଏକ ଲିଫ୍‌ଲେଟ ଉନ୍ମୋଚନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଏମ୍‌ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦର ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, ଆଇନଜୀବୀ ରାଧାକାନ୍ତ ମହାପାତ୍ର, ଜିଲା ବିଶ୍ୱକର୍ମା ମହାସଂଘ ଆବାହକ ଲିଙ୍ଗରାଜ ମହାରଣା, ବଡଶଙ୍ଖ କାଳିପୂଜା କମିଟି ସଭାପତି ହରିହର ପାଢୀଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୁରୀ ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ

- ୩୦ ସଙ୍ଗଠନ ଏକାଠି
- ସଂଗ୍ରହ ହେବ ଜନମତ

ପୁରୀ ଅଫିସ,୧୪।୧୧: ପୁରୀର ନାମ ପରିବର୍ତ୍ତନ ପ୍ରସ୍ତାବ ବିରୋଧରେ ଜିଲାର ୩୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ଏକାଠି ହୋଇଛନ୍ତି। ପୁରୀର ନାମକୁ ପରିବର୍ତ୍ତନ କରା ନ ଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଛି। ଆଗାମୀ ଦିନରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପୁରୀର ନାମ ନବୀକରଣ ଦାବିକୁ ବନ୍ଦ କରିବା ପାଇଁ ପ୍ରୟାସ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଉକ୍ତ କମିଟି ପୁରୀ ଜିଲାବାସୀଙ୍କ ମତ ନେବା ପାଇଁ ଜନସମ୍ପର୍କ ଯାତ୍ରା ଆରମ୍ଭ କରିବ। ଏସମ୍ପର୍କରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ସାରା ଜଗତର ଭଗବାନ। ତାଙ୍କୁ କେବଳ ପୁରୀରେ ସୀମିତ ରଖିବା ଏକ ସଂକୀର୍ଣ୍ଣ ମାନସିକତା। ସେହିଭଳି ପୁରୀର ନାମ ପରିବରର୍ତ୍ତନ ନ କରି ପୁରୀ ସହରରେ ଥିବା ଅନେକ ପ୍ରମୁଖ ସମସ୍ୟା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ନାମ ପରିବର୍ତ୍ତନ ଫଳରେ ରାଜସ୍ୱ ବିଭାଗ ଦସ୍ତାବିଜରେ ମଧ୍ୟ ବ୍ୟାପକ ପରିବର୍ତ୍ତନ କରିବାକୁ ପଡ଼ିବ। ଏଥିପାଇଁ ପୁରୀବାସୀ ପ୍ରସ୍ତୁତ ଅଛନ୍ତି କି ନାହିଁ ଓ ଏହି ପ୍ରସଙ୍ଗରେ କି ପ୍ରତିକ୍ରିୟା ଦେଉଛନ୍ତି ତାହା ଜାଣିବା ଦରକାର। ଏନେଇ ପୁରୀର ସବୁ ବର୍ଗର ଲୋକଙ୍କ ମତ ନେବା ଆବଶ୍ୟକ। ଆଗାମୀ ଦିନରେ ଏକ ମଞ୍ଚ ପ୍ରସ୍ତୁତ କରି ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭକରି ଜଗନ୍ନାଥପ୍ରେମୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ବିଶାରଦଙ୍କୁ ଏଥିରେ ସାମିଲ କରାଯାଇ ତର୍କବିତର୍କ କରାଯିବ। ଆଲୋଚନା ଓ ପର୍ଯ୍ୟାଲୋଚନାରେ ପୁରୀ ନାମକରଣକୁ ନେଇ ନିଷ୍ପତ୍ତି ନିଆଯିବ ବୋଲି ଯୁବ ଅଧିବକ୍ତାର ଆବାହକ ଅନୀଲ କୁମାର ସାହୁ କହିଛନ୍ତି। ବୈଠକରେ ଚିନ୍ମୟ ଦାଶ, ସୂର୍ଯ୍ୟନାରାୟଣ ରଥ, ପବିତ୍ର ମୋହନ ଦଳାଇ, ବିଶ୍ୱଜିତ ପ୍ରଧାନ, ସମୀର ସାମନ୍ତରାୟ, ଦେବୀପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁଜର୍ସ ଫି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ

ପୁରୀ ଅଫିସ, ୧୪।୧୧:ଈ ପୁରୀ ସହରରେ ୟୁଜର୍ସ ଫି ଲାଗୁ ନିଷ୍ପତ୍ତି ଓ ବିଦ୍ୟୁତ୍ ଶୋଷଣକୁ ଭାଜପା ବିରୋଧ କରିଛି। ଏ ନେଇ ରବିବାର ପୁରୀ ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ନାୟକ ପ୍ଲାଜା ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ସ୍ୱଚ୍ଛ ଭାରତ ମିଶନ ଅନୁଯାୟୀ ପୁରୀ ସହରର ସାହିଗୁଡ଼ିକରୁ ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ଗତ କିଛିଦିନ ହେବ ଗାଡ଼ି ଯୋଗେ ଅଳିଆ ସଂଗ୍ରହ କରାଯାଉଛି। ତେବେ ହଠାତ ୟୁଜର୍ସ ଫି ଭାବେ ପ୍ରତ୍ୟେକ ଘରୁ ୧୦୦ ଟଙ୍କା ଲେଖାଏ ଆଦାୟ କରିବା ପାଇଁ ମ୍ୟୁନିସିପାଲିଟି ଘୋଷଣା କରିଛି। ସହରର ନାଗରିକମାନେ ମ୍ୟୁନିସିପାଲିଟିକୁ ଟିକସ ଦେଉଥିବା ବେଳେ ଏହି ୟୁଜର୍ସ ଫି ଗ୍ରହଣଯୋଗ୍ୟ ନୁହେଁ। ଏହା ଦ୍ୱୈତ କର ଆଦାୟ ଭଳି ପଦକ୍ଷେପ। ସହରରେ ରାସ୍ତା, ନାଳ, ଆଲୋକ ଓ ସଫେଇର ଦାୟିତ୍ୱ ମ୍ୟୁନିସିପାଲିଟିର ହୋଇଥିବା ବେଳେ ଦ୍ୱୈତ କର ବ୍ୟବସ୍ଥା କ'ଣ ପାଇଁ ଓ କାହା ସ୍ୱାର୍ଥରେ ବୋଲି ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି। ପ୍ରଶାସନ ଏହି ୟୁଜର୍ସ ଫି ଆଦାୟ ନିଷ୍ପତ୍ତିକୁ ପ୍ରତ୍ୟାହାର କରୁ ବୋଲି ସେ ଦାବି କରିଛନ୍ତି। ସେହିଭଳି ସହରରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା କମ୍ପାନୀ ଏକତରଫା ଭାବେ ଶୁଳ୍କ ବଢାଇବା ସହ ଗ୍ରାହକଙ୍କ ଘରେ ଭଲ ମିଟର ଥାଇ ବି ଜୋର ଜବରଦସ୍ତ ଭାବେ ନୂଆ ମିଟର ବସାଇବା ଆଳରେ ଶୋଷଣ କରୁଛି। ଏହାକୁ ତୁରନ୍ତ ବନ୍ଦ କରାଯାଉ। ନଚେତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଭାଜପା ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବ। ଏହି ଖବରଦାତା ସମ୍ମିଳନୀରେ ଭାଜପା ସିଂହଦ୍ୱାର ମଣ୍ଡଳ ସଭାପତି ରବି ଦାଶ, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ ଏବଂ ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ୟୁଜର୍ସ ଫି ଆଦାୟ ନିଷ୍ପତ୍ତିକୁ ଆମ୍ ଆଦ୍‌ମୀ ପାର୍ଟି ପୁରୀ ଶାଖା ବିରୋଧ କରିଛି। ଖବରଦାତା ସମ୍ମିଳନୀରେ ଜିଲା ଆବାହକ ସଞ୍ଜୀବ ମହାନ୍ତି, ଜିଲା ସାମାଜିକ ମିଡିଆ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ପୌରାଞ୍ଚଳ ସଭାପତି ଅନିଲ ସେନାପତି, ଜିଲା ସଂଯୋଜକ ବଶିଷ୍ଠ ରଥ, ଜିଲା ମିଡିଆ ସଂଯୋଜକ ବିରଜା ପ୍ରସାଦ ନାଥ, ସମୀର ସାମନ୍ତରାୟ, ପ୍ରକାଶ ପ୍ରଧାନ, ଅଭିଷେକ ପାଣିଗ୍ରାହୀ ଏବଂ ରବି ଦାସ ପ୍ରମୁଖ କହିଛନ୍ତି, ଯଦି ୟୁଜର୍ସ ଫି ଆଦାୟ ହେବ ତେବେ ହୋଲ୍ଡିଂ ଟ୍ୟାକ୍ସ, ଉଠାଦୋକାନୀ ଟ୍ୟାକ୍ସ, କାର୍ ଓ ବାଇକ୍ ଷ୍ଟାଣ୍ଡ ସେସ୍ କାହିଁକି ଦିଆଯିବ। ପୌରପାଳିକା କେଉଁ ବାବଦରେ କେତେ ଟଙ୍କା ଖର୍ଚ୍ଚ କରିବ ଓ ସମସ୍ତ ପ୍ରକାର ଟ୍ୟାକ୍ସ ଆଦାୟର ହିସାବ ସାର୍ବଜନୀନ କରୁ। ସମୁଦ୍ରକୂଳ ଉଠାଦୋକାନୀଙ୍କୁ ପ୍ରଥମେ ଥଇଥାନ କରାଯାଇ ପରେ ଉଚ୍ଛେଦ କରାଯିବାକୁ ଏଏପି ଦାବି କରିଛି।

# ନିଃଶୁଳ୍କ ଆଇନ ସେବା ପାଇଁ ସଚେତନତା କରାଯିବ

ପୁରୀ ଅଫିସ,୧୪।୧୧: ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଏକ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିସହ ସମ୍ବିଧାନ, ଆଇନସେବା ପ୍ରାଧିକରଣର ଜନ୍ମ ଇତିହାସ, ଧାରା ୧୨ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ସୂଚନା ଓ ନିଃଶୁଳ୍କ ଆଇନ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଜଜ୍ ସନ୍ତୋଷ କୁମାର ଜେନା ଓ ପରିବାର ଅଦାଲତ ଜଜ୍ ଅରୁଣ କୁମାର ମଲ୍ଲିକ ଯୋଗ ଦେଇଥିଲେ। ନିଃଶୁଳ୍କ ଆଇନ ସେବା କିଭଳି ପାଇହେବ ଏବଂ ଅର୍ଥାଭାବ ଯୋଗୁ ଲୋକେ ଯେଭଳି ଆଇନ ସେବାରୁ ବଞ୍ଚିତ ନ ହୁଅନ୍ତି ସେନେଇ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲା ଜଜ୍ କହିଥିଲେ। ଏହି ଅବସରରେ ସକାଳ ୭ଟା ୩୦ରେ ସୁଭାଷ ବୋଷ ଛକଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ପ୍ରଭାତଫେରି ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ବିଚାର ବିଭାଗୀୟ ଅଧିକାରୀ, ପ୍ରାଧାପିକା ହରପ୍ରିୟା ଦାସ ଏବଂ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପୂର୍ବାହ୍ନ ୧୧ଟାରେ ଉତ୍କଳ ବାଳାଶ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା।


ଟ୍ରେଜର ହଣ୍ଟ ଅନୁଷ୍ଠାନ ପକ୍ଷରୁ ଅଙ୍ଗଦାନ ଓ ଜନସଚେତନତା ନେଇ ରବିବାର କଟକ ମିଶନ ରୋଡସ୍ଥିତ ୟୁନିୟନ କ୍ଲବ ପରିସରରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।



ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଜିଲା କୋର୍ଟ ପରିସରରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଅତିଥି ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ‘ସ୍ୱଚ୍ଛ ପ୍ରାର୍ଥୀ ପ୍ରତି ଗୁରୁତ୍ୱ ଦିଆଯିବ’

ଗୋପ,୧୪।୧୧(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାର୍ଥୀଙ୍କୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। ନିର୍ବାଚନରେ ସ୍ୱଚ୍ଛ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକର ୩୧ଟି ପଞ୍ଚାୟତ ମଧ୍ୟରୁ ନିମାପଡ଼ା ନିର୍ବାଚନମଣ୍ଡଳୀରେ ୧୪, କାକଟପୁର ନିର୍ବାଚନ ମଣ୍ଡଳୀରେ ୧୪ ଓ ପୁରୀ ନିର୍ବାଚନମଣ୍ଡଳୀରେ ୩ଟି ପଞ୍ଚାୟତ ରହିଛି। ରବିବାର ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଦାଶ ଯୋଗଦେଇ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଥିବା ୧୪ଟି ପଞ୍ଚାୟତରେ ସ୍ୱଚ୍ଛ ପ୍ରାର୍ଥୀ ଦିଆଯିବ ବୋଲି କହିଥିଲେ। ଏଥିସହ ଦଳର ପଞ୍ଚାୟତ କମିଟି, ୱାର୍ଡ କମିଟି ଦ୍ୱାରା ପ୍ରାର୍ଥୀ ଚୟନକୁ ମଧ୍ୟ ଗୁରୁତ୍ୱ ଦିଆଯିବ। କାକଟପୁର ନିର୍ବାଚନମଣ୍ଡଳୀର ୧୪ଟି ପଞ୍ଚାୟତରେ ଶାସକ ଦଳରେ ଅସନ୍ତୁଷ୍ଟ ନେତା, କର୍ମୀ ରହିଥିବାରୁ ପଞ୍ଚାୟତ ନିର୍ବାଚନ ନେଇ ଛକାପଞ୍ଝା ଲାଗି ରହିବ ବୋଲି ଜଣାପଡ଼ିଛି। ପୁରୀ ନିର୍ବାଚନମଣ୍ଡଳୀର ତିନିଟି ପଞ୍ଚାୟତରେ ସାଧାରଣଲୋକଙ୍କ ସ୍ୱାର୍ଥ ଲାଗି ପ୍ରାର୍ଥୀ ଚୟନ କରାଯିବ ବୋଲି ଦଳ ପକ୍ଷରୁ ଜଣାପଡ଼ିଛି। ରାଜ୍ୟ ସରକାର ସାଧାରଣ ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଉଥିବାରୁ ପଞ୍ଚାୟତ କମିଟି, ୱାର୍ଡ କମିଟିଙ୍କ ସୁପାରିଶକୁ ଗୁରୁତ୍ୱ ଦିଆଯାଇ ସ୍ୱଚ୍ଛ ପ୍ରାର୍ଥୀ ଚୟନ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

### ଶିଶୁ ସୁରକ୍ଷା, ସଚେତନତା ସମାରୋହ

ନିମାପଡ଼ା,୧୪।୧୧(ଡି.ଏନ୍.ଏ.): ଶିଶୁ ଦିବସ ଅବସରରେ ନିମାପଡ଼ା କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶିଶୁ ସୁରକ୍ଷା ଓ ସଚେତନତା ସମାରୋହ ନିମାପଡ଼ା ସରସ୍ୱତୀ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ତାଲୁକ ଆଇନ ସେବା କମିଟିର ଅଧକ୍ଷ ଅତିରିକ୍ତ ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫସି) ବିଦ୍ୟାଳୟର ଉପସଭାପତି ନିର୍ମଳ ମିଶ୍ର, ଯୁକ୍ତା ଦେଈ ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କ ସୁରକ୍ଷା, ଅଧିକାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବନ୍ଦେ ମାତରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସରିଲାନି ସ୍ମାର୍ଟ ସ୍କୁଲ କାର୍ଯ୍ୟ, ଉଦ୍‌ଘାଟନୀ ତାରିଖ ଘୁଞ୍ଚିଲା

ଗୋପ,୧୪।୧୧(ଡି.ଏନ୍.ଏ.): ଗୋପ ବ୍ଲକର ୬ଟି ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଧାର୍ଯ୍ୟ ତାରିଖ ଠାରୁ ଘୁଞ୍ଚାଇ ଦିଆଯାଇଛି। ଏହି କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ୫-ଟି ଯୋଜନା ମାଧ୍ୟମରେ ବିଦ୍ୟାଳୟକୁ ସ୍ମାର୍ଟ ବିଦ୍ୟାଳୟରେ ପରିଣତ ଲାଗି ପଦକ୍ଷେପ ନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ଶତାଧିକ ବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରୂପାନ୍ତରଣ କାର୍ଯ୍ୟ ଜାରି ରହିଥିବାବେଳେ ଏହି ବ୍ଲକ୍‌ର ୬ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ଅଧିକାଂଶ ସମୟରେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ତଦାରଖ କରୁନଥିବା ଯୋଗୁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। ଶିଶୁ ଦିବସରେ ଏହି ୬ଟି ସ୍କୁଲର ଉଦ୍‌ଘାଟନ କାର୍ଯ୍ୟକ୍ରମ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ଶେଷ ହୋଇନଥିବା ନେଇ ସରକାରଙ୍କୁ ଜଣାଇଥିଲେ। ଏହି ସ୍ମାର୍ଟ ସ୍କୁଲ ଆସନ୍ତା ୨୦ତାରିଖରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦିଆଯାଇଛି। ଖୁବ୍ ଶୀଘ୍ର ସମସ୍ତ ସ୍ମାର୍ଟ ସ୍କୁଲ କାର୍ଯ୍ୟ ସରିବ ବୋଲି ସେ କହିଛନ୍ତି।

# ଯୁବକଙ୍କୁ ଆକ୍ରମଣ, ଖଣ୍ଡା ଧରି ଆତଙ୍କ

ପୁରୀ ଅଫିସ, ୧୪।୧୧





ଭୁବନେଶ୍ୱର, କଟକ ଓ ବଲାଙ୍ଗୀର ପରେ ଏବେ ପର୍ଯ୍ୟଟନ ସହର ପୁରୀରେ ଅମାନିଆ ଯୁବଗୋଷ୍ଠୀ ଆତଙ୍କ ଖେଳାଇଛନ୍ତି। ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ପୁରୀ ଜିଲାରେ ଏଭଳି ୫ଟି ଭିଡିଓ ସାମ୍ନାକୁ ଆସିଛି। ଶନିବାର ରାତିରେ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ଯୁବକ ୪ଜଣଙ୍କ ଉପସ୍ଥିତିରେ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଏହା ପୁରୀ ଚନ୍ଦନପୁର ଅଞ୍ଚଳର ଘଟଣା ବୋଲି କୁହାଯାଉଛି। ସେହିପରି ଆଉଜଣେ ଯୁବକ ତାଙ୍କ ଫେସ୍‌ବୁକ୍ ଷ୍ଟାଟସ୍‌ରେ ଖଣ୍ଡା ଧରି ଫଟୋ ପୋଷ୍ଟ କରିଛନ୍ତି। ଏହା ସାଧାରଣରେ ଭୟର ବାତାବରଣ ସୃଷ୍ଟି କରିଛି। ଏ ନେଇ ଚର୍ଚ୍ଚା ଜୋର ଧରିବା ପରେ ଏସ୍‌ପି କନୱର ବିଶାଲ ସିଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁରୀରେ କୌଣସି ପ୍ରକାର ଆପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

- ସାମ୍ନାକୁ ଆସିଲାଣି ୫ ଘଟଣା
- ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ଅନେକ ଯୁବକ ବିଭିନ୍ନ କାରଣରୁ ବିପଥଗାମୀ ହୋଇ ଅପରାଧ ଦୁନିଆରେ ପାଦ ଦେବା ସହ ନିଜ ପରିଆରା ଜାହିର ପାଇଁ ସୋସିଆଲ ମିଡିଆକୁ ବ୍ୟବହାର କରୁଛନ୍ତି। ବିଶେଷକରି ସେମାନେ ଭୟ ଦେଖାଇ ଅର୍ଥ ଉପାର୍ଜନ କରିବା ପାଇଁ ଏଭଳି ଉପାୟ ଆପଣାଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏସ୍‌ପି ସିଂ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୫ଟି ଭିଡିଓ ଭାଇରାଲ ହୋଇଥିବା ପୋଲିସ ନଜରକୁ ଆସିଛି। ଏ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏପରି ଭିଡିଓ କରିବାରୁ ଯୁବତୀ ଯୁବକ ଦୂରେଇ ରହି ନିଜ ପାଠପଢ଼ା ଓ କ୍ୟାରିୟରର ପ୍ରତି ମନୋନିବେଶ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସେହିପରି ଗତ କିଛି ମାସ ହେଲା ପୁରୀ ପୋଲିସ ବେଆଇନ ନିଶା କାରବାର, ଦାଦାବଟି ଆଦାୟକାରୀ ଏବଂ ବିଭିନ୍ନ ଆପରାଧିକ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛି ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ କ୍ଷେତ୍ର। ସାରା ବିଶ୍ୱରୁ ଲୋକେ ଏଠାକୁ ଆସିଥାନ୍ତି। ତେଣୁ ପୋଲିସ ପ୍ରଶାସନ ସର୍ବଦା ସଜାଗ ରହିବା ଆବଶ୍ୟକ। ଏହି ଘଟଣା ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ୨ ଯୁବକଙ୍କୁ କାଉନସେଲିଂ କରି ଛାଡ଼ିଲା ପୋଲିସ

ଆକ୍ରମଣ ଓ ଖଣ୍ଡା ଧରି ଫଟୋ ଉଠାଇବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ଘଟଣାରେ ରବିବାର ସନ୍ଧ୍ୟାରେ ପୁରୀ ପୋଲିସ ଦୁଇଜଣ ଯୁବକଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ଉଭୟ ଯୁବକଙ୍କୁ କାଉନସେଲିଂ କରିବା ପରେ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇ ପୋଲିସ ଛାଡ଼ି ଦେଇଛି। ସମ୍ପୃକ୍ତ ଯୁବକ ଦ୍ୱୟ ହେଲେ ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବେଲଦଳ ଅଞ୍ଚଳର ସତ୍ୟଜିତ ପ୍ରଧାନ (୧୯) ଏବଂ ଚନ୍ଦନପୁର ଥାନା ତଳଜଙ୍ଗ ଅଞ୍ଚଳର ବାପି ପ୍ରଧାନ (୨୫)। ତେବେ ଦୁହେଁ କୌଣସି ପ୍ରକାର ଆପରାଧିକ କାର୍ଯ୍ୟ ଉଦ୍ଦେଶ୍ୟରେ ଏଭଳି ଭିଡିଓ କରି ନ ଥିବା କହିଛନ୍ତି। ସଦର ଏସ୍‌ଡିପିଓ କେ.ସି. ମୁଣ୍ଡ ସେମାନଙ୍କୁ ସୋସିଆଲ ମିଡିଆର ଉଚିତ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଦୁହେଁ ପୋଲିସକୁ ପ୍ରତିଶ୍ରୁତି ଦେବା ପରେ ପୋଲିସ ସେମାନଙ୍କୁ ଛାଡ଼ିଛି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଦୁଇଟି ଫୋନ୍ ନମ୍ବର ଜାରି କରାଯାଇଛି। ଏଭଳି କୌଣସି ଘଟଣା ନଜରକୁ ଆସିଲେ ଉକ୍ତ ନମ୍ବରରେ ଜଣାଇବା ପାଇଁ କୁହାଯାଇଛି।

### ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

ବ୍ରହ୍ମଗିରି,୧୪।୧୧(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାର ଦାମୋଦରପୁର ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛଇତନା ଅଞ୍ଚଳର ରମାକାନ୍ତ ସାହୁ। ସୂଚନା ମୁତାବକ, ରମାକାନ୍ତ ବାଇକରେ ବ୍ରହ୍ମଗିରି ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରମାକାନ୍ତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଅଦିନିଆ ବର୍ଷାରେ ପନିପରିବା ଫସଲ ନଷ୍ଟ

କାକଟପୁର, ୧୪।୧୧(ଡି.ଏନ୍.ଏ)

ଗତ ତିନିଦିନ ଧରି ଅଦିନିଆ ବର୍ଷା ଫଳରେ କାକଟପୁର ବ୍ଲକ ଅଞ୍ଚଳରେ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଗତ ସେପ୍ଟେମ୍ବର ମାସରେ ଲଗାଣ ବର୍ଷା ପ୍ରଭାବରେ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏହାପରେ ଶୀତଦିନିଆ ପରିବା ଚାଷକରି ଚାଷୀ ନିଜର କ୍ଷତି ଭରଣା କରିବାକୁ ଲାଗିପଡ଼ିଥିଲା। ମାତ୍ର ଏବେ ପୁଣି ପ୍ରକୃତି ଦାଉ ସାଧିଛି। ୧୨ତାରିଖଠାରୁ ଲଘୁଚାପ ବର୍ଷା ଯୋଗୁ ଜମିରେ ପନିପରିବା ଫସଲ ଭିଜିରହି ନଷ୍ଟ ହୋଇଛି। ଏଥିଯୋଗୁ ଚାଷୀଙ୍କ ଆଶା ଧୂଳିସାତ ହୋଇଯାଇଛି। ଏଭଳି ସମୟରେ କାକଟପୁର ଉଦ୍ୟାନ ବିଭାଗ ଅଧିକାରୀ ପଦବୀ ଖାଲିପଡ଼ିଥିବାରୁ ଚାଷୀଙ୍କୁ ସହାୟତା କିମ୍ବା ପରାମର୍ଶ ମିଳିପାରୁନାହିଁ। ସେହିପରି ଯେଉଁ ଚାଷୀମାନେ ଜମିରେ ଷୋରିଷ, ବାଦାମ, କୋଳଥ ଇତ୍ୟାଦି ବୁଣିଥିଲେ ସେସବୁ ଗଜା ହୋଇଗଲାଣି। ତୁରନ୍ତ କୃଷି ବିଭାଗ ପକ୍ଷରୁ ସର୍ଭେ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଓ ମାଗଣାରେ ବିହନ ଯୋଗାଇ ଦେବା ନିୟମିତ ଉଦ୍ୟାନ ବିଭାଗ ଅଧିକାରୀ ନିଯୁକ୍ତି କରିବାକୁ କାକଟପୁରର ଚାଷୀ ସଙ୍ଗଠନ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ତୃତୀୟ ଶ୍ରେଣୀର ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀର ପାଠକ ହେବା ଭଲ

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ଭୁବନେଶ୍ୱର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରି ‘ତୃତୀୟ ଶ୍ରେଣୀର ଲେଖକ ଅପେକ୍ଷା ପ୍ରଥମ ଶ୍ରେଣୀର ପାଠକ ହେବା ଭଲ’ ବୋଲି କହିଥିଲେ। ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର, ସାରଳା ଭାଷା ସାହିତ୍ୟ ଏବଂ ପୁରାତତ୍ତ୍ୱ ଗବେଷଣା ନ୍ୟାସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ସାରଳା ଦାସଙ୍କଠାରୁ ରାଧାନାଥଙ୍କ ବାଟ ଦେଇ ସଚ୍ଚି ରାଉତରାୟ ଓ ତା’ ପରବର୍ତ୍ତୀ କାବ୍ୟ କବିତାରେ କିପରି ଓଡ଼ିଆ କାବ୍ୟ ଭାଷାର ବିବର୍ତ୍ତିତ ହୋଇଛି ସେ ନେଇ ତାତ୍ତ୍ୱିକ ଆଲୋଚନା କରିଥିଲେ। ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ.ଶତ୍ରୁଘ୍ନ ପାଣ୍ଡବ ଓ ଉଚ୍ଚଶିକ୍ଷା ବିଭାଗ ଉପ ସଚିବ ଡ.ରମେଶ ଚନ୍ଦ୍ର ବେହେରା। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ କାନାଡାରୁ ଆସିଥିବା ବିଦ୍ୟା ପ୍ରକାଶନର ମୁଖ୍ୟ ପ୍ରଫେସର ତନ୍ମୟ ପଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାରଳା ଭାଷା, ସାହିତ୍ୟ ଓ ଗବେଷଣା ନ୍ୟାସର ସମ୍ପାଦକ ଅଜିତ ଦାଶ ପ୍ରାରମ୍ଭିକ ସୂଚନା ଓ ପ୍ରଫେସର ବସନ୍ତ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ବୈଷୟିକ ଅଧିବେଶନରେ ଓଡ଼ିଆ କାବ୍ୟ ଭାଷା ସମ୍ପର୍କରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ଜ୍ଞାନୀ ଦେବାଶିଷ ମିଶ୍ର, ଡ.ଦେବାଶିଷ ମହାପାତ୍ର, ପ୍ରଫେସର ସନ୍ତୋଷ ରଥ, ଡ.ସୁନୀଲ ରଥ, ଡ.ବୈଜୟନ୍ତୀ ନାୟକ ଓ ସୋମନାଥ ବିଶୋୟୀ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ କବି ପ୍ରଦୀପ ବିଶ୍ୱାଳ ଓ କବି ଡ.ଦିଲୀପ କୁମାର ସ୍ୱାଇଁ ଯୋଗଦେଇଥିଲେ। ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କବି ଡ.ପ୍ରସନ୍ନ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ।




ଓଡ଼ିଆ କାବ୍ୟଭାଷା ସମ୍ପର୍କିତ ଜାତୀୟ ସମ୍ମାନରେ ଉପସ୍ଥିତ ଅତିଥିମାନେ।




ଓଏସ୍ଏସ୍‌ଟିଇଟି ଏବଂ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଆଶାୟୀ ଶିକ୍ଷକମାନଙ୍କୁ ଉଚ୍ଚବିଦ୍ୟାଳୟରେ ନିଯୁକ୍ତି ଦାବି କରି ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ଧାରଣା।

## ଅଭିଯୁକ୍ତଙ୍କ ଘରୁ ପୁଣି ମିଳିଲା ମାରଣାସ୍ତ୍ର

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିଥିବା କେବିଏନ୍ ଗ୍ୟାଙ୍ଗ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରୁଛି କମିଶନରେଟ ପୋଲିସ। ଶନିବାରଠାରୁ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ପୋଲିସ ମାରଥନ୍ ଜେରା କରିଥିଲା। ଅଭିଯୁକ୍ତ ରାହୁଲ ଜେନା, ରାଜେଶ ବେହେରା ଓରଫ ଟେଙ୍ଗ, ସୁମନ କୁମାର ପରିଡ଼ା, ସନାତନ ବେହେରା ଓରଫ ସନିଆ ଓ ନରେନ୍ଦ୍ର କୁମାର ଜେନାଙ୍କୁ ପୃଥକ ଭାବେ ପଚରାଉଚରା କରାଇଥିଲା। ସେମାନଙ୍କ ବୟାନ ଆଧାରଣରେ ରବିବାର ପୁଣି ୨ଟି ଖେଳନା ବନ୍ଧୁକ, ଗୋଟିଏ ବାଇକ୍ କ୍ରାଙ୍କ୍, ୨ଟି ଖଣ୍ଡା, ଗୋଟିଏ ଭୁଜାଲି ଜବତ ହୋଇଛି। ପୂର୍ବରୁ କେବିଏନ୍ ଗ୍ୟାଙ୍ଗରେ ୨୯ଜଣ ସଦସ୍ୟ ଥିବା ପୋଲିସ କହିଥିଲା। ହେଲେ ଏବେ ଉକ୍ତ ଗ୍ୟାଙ୍ଗରେ ୩୦ଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ଗ୍ୟାଙ୍ଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ହାସଲ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ବୁବୁ ଜେନାଙ୍କ ସମ୍ପର୍କରେ ଏଯାବତ୍ ସାମାନ୍ୟତମ ସୂଚନା ମିଳିପାରୁ ନାହିଁ। ତେବେ ଏମାନେ ଯେଉଁ ବନ୍ଧୁକ ଧରି ଭିଡିଓ ଭାଇରାଲ କରିଥିଲେ ତାହା ଖେଳନା ବୋଲି ପୋଲିସ ସ୍ପଷ୍ଟ କରିଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇ ବିଭିନ୍ନ ତଥ୍ୟ ହାସଲ କରାଯାଇଛି। ତାଙ୍କ ସାଙ୍ଗରେ କିଏ କିଏ ରହୁଥିଲେ, ସେମାନେ କେଉଁଠି ବସି ଖଟି କରୁଥିଲେ, ଭିଡିଓ ଶୁଟିଂ ଓ ଏଡିଟିଂ କେମିତି କରିଛନ୍ତି, ସୋସିଆଲ୍ ମିଡିଆରେ ଅପଲୋଡ୍ କିଏ କରିଛି, ସେମାନଙ୍କୁ ଜେରାବେଳେ ଏଭଳି ବିଭିନ୍ନ ତଥ୍ୟ ଆମେ ସଂଗ୍ରହ କରିଛୁ। ସେମାନେ ଦେଖେଇ ହୋଇ ଜନସାଧାରଣଙ୍କୁ ଭୟଭୀତ କରୁଥିଲେ। ତେବେ ଆଉ ଯେଉଁ ସଦସ୍ୟଙ୍କ ଘରେ ମାରଣାସ୍ତ୍ର ରହିଛି ସେସବୁକୁ ଜବତ କରାଯିବ। ଆବଶ୍ୟକ ପଡିଲେ ଏମାନଙ୍କୁ ପୁନର୍ବାର ରିମାଣ୍ଡରେ ଆଣାଯିବ। ଗ୍ୟାଙ୍ଗର ଫେରାର ସଦସ୍ୟଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା ଚାଲିଛି ବୋଲି ସେ କହିଛନ୍ତି।



**କେବିଏନ୍ ଗ୍ୟାଙ୍ଗର ୫ ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା**

- ଖେଳଣା ବନ୍ଧୁକ, ଖଣ୍ଡା, ଭୁଜାଲି, ବାଇକ୍ କ୍ରାଙ୍କ୍ ଜବତ
- ଜେରାରୁ ପୋଲିସ ପାଇଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ
- ମାଷ୍ଟରମାଇଣ୍ଡ ବୁବୁଙ୍କ ପତ୍ତା ପାଉନି

ସୂଚନାଯୋଗ୍ୟ, ମାଷ୍ଟରମାଇଣ୍ଡ ବୁବୁଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ରାଜଧାନୀରେ କେବିଏନ୍ ଗ୍ୟାଙ୍ଗ ମୁଣ୍ଡ ଟେକିଥିଲା। ସେମାନେ ଅପରାଧ ଘଟାଇବା ସହ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାକୁ ଖଣ୍ଡା, ଭୁଜାଲି ବୁଲାଇ ଗୁଳି ଫୁଟାଇ ଭିଡ଼ିଓକୁ ଭାଇରାଲ କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଥିଲେ। ଲୁଟ୍‌ପାଟ କରିବା ସହ ଦାଦାବଟି ମଧ୍ୟ ମାଗିବା ଆରମ୍ଭ କରିଥିଲେ। ଏୟାରପୋର୍ଟ ଥାନା ପୋଖରୀପୁଟ ଅଞ୍ଚଳରେ ଅଭିଯୁକ୍ତ ଟେଙ୍ଗ ରହୁଥିବା ଘର ଭାଙ୍ଗି ପୋଲିସ ଏକ ଖଣ୍ଡା ଜବତ କରିଥିଲା। ତା’ପର ଦିନ ବୁବୁଙ୍କ ଘରେ ମଧ୍ୟ ପୋଲିସ ଚଢାଉ କରିଥିଲା। ଟେଙ୍ଗ ଓ ସନିଆ ଭୟଭୀତ ହୋଇ ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ କରିଥିଲେ।

### ପ୍ରତିଭା ଅନ୍ୱେଷଣ ସମାରୋହ

ନିମାପଡ଼ା,୧୪।୧୧(ଡି.ଏନ୍.ଏ.)

ଶିଶୁ ଦିବସ ଅବସରରେ ରବିବାର ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେସନ (ପିପିଡବ୍ଲୁଓ) ପକ୍ଷରୁ ପଞ୍ଚମ ପ୍ରତିଭା ଅନ୍ୱେଷଣ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଲକ୍ଷ୍ମୀବିହାରସ୍ଥିତ ଅର୍ଗାନାଇଜେସନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପିପିଡବ୍ଲୁଓ ସଭାପତି ଗଗନ ବିହାରୀ ଦାଶ, ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ଅନୀଲ କୁମାର ବିଶ୍ୱାଳ, ଡ.ପ୍ରଭାକର ତ୍ରିପାଠୀ, ଖେଲାର ବାଣିଶ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡ.ଜ୍ୟୋତ୍ସ୍ନାରାଣୀ ବଡ଼ିଆ ପ୍ରମୁଖ ଯୋଗଦେଇଥିଲେ। ଆଜିର ଶିଶୁ କାଲି ଦେଶର ଭବିଷ୍ୟତ, ଶିଶୁ ହସିଲେ ପରିବାର ଓ ଦେଶ ହସିବ, ଶିଶୁ ଆମର ରତ୍ନ ସଦୃଶ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିମାପଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ୨୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମାରୋହରେ ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦେଇଥିଲେ।

## ଡାଇବେଟିସ୍ ସଚେତନତା ଶିବିର

ପୁରୀ ଅଫିସ, ୧୪।୧୧

ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ରବିବାର ଏରିସ୍ ଲାଇଫ ସାଇନ୍ସ ଲିଃ ଅନୁଷ୍ଠାନ ପକ୍ଷରୁ ସଚେତନା ଶୋଭାଯାତ୍ରା ଓ ସଭା ହୋଇଥିଲା। ଡାକ୍ତର ଅଶୋକ କୁମାର ପରିଡାଙ୍କ ତତ୍ତ୍ୱବଧାନରେ ଶୋଭାଯାତ୍ରା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସଭା ହୋଇଥିଲା। ଲୋକଙ୍କୁ ମଧୁମେହ ରୋଗର ଭୟାବହତା ସମ୍ପର୍କରେ ଅବଗତ କରାଯିବା ସହ ଶାରୀରିକ ପରିଶ୍ରମ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ସଭାରେ ଜିଲା ହାବିଲଦାର ଓ କନଷ୍ଟେବଲ ମହାସଂଘର ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଶକ୍ତିପ୍ରସନ୍ନ ନାୟକ, ହରେଶ ମିଶ୍ର, ସମରେନ୍ଦୁ ମହାନ୍ତିଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଜିବୀ ରଥଶର୍ମା ପରିଚାଳନା କରିଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁଙ୍କ ଜୟନ୍ତୀରେ ରବିବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ବିଶ୍ୱ ଡାଇବେଟିସ୍ ଦିବସ ଉପଲକ୍ଷେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ରବିବାର ଅନୁଷ୍ଠିତ ସଚେତନତା ପଦଯାତ୍ରା ।




ଶିଶୁ ଦିବସ ଉପଲକ୍ଷେ ପୁରୀ ଜିଲା ନିମାପଡ଼ାଠାରେ ଅନୁଷ୍ଠିତ ୫ମ ପ୍ରତିଭା ଅନ୍ୱେଷଣ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।